୬ ରାହୁଲଙ୍କ ଶତକ, ଭାରତ ନିୟନ୍ତ୍ରଣରେ ୱେଲିଂଟନ ଟେଷ୍ଟ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
• ବର୍ଷ–୩୩ • ସଂଖ୍ୟା–୨୯୧ • ୨୨ ନଭେମ୍ବର ୨୦୨୬ ରବିବାର • ଭୁବନେଶ୍ୱର • Vol -33 • Issue-291 • 22nd November 2026, Sunday • Bhubaneswar RNI Regd.No. : 52640/94 Postal Regd.No. : BN-60/25-27

କ୍ଷୟକ୍ଷତିର ଉଚିତ ଆକଳନ ସହ ଚାଷୀଙ୍କୁ ତ୍ୱରିତ ସହାୟତା ଯୋଗାଇ ଦିଆଯିବ

‘ଅକଓ୍ୱାନ୍’ରେ ଶୂନ୍ୟ କାଜୁଆଲଟି ସହ ସ୍ୱାଭାବିକ ହେଉଛି ସ୍ଥିତି

ଭୁବନେଶ୍ୱର, ୨୧।୧୧
ନ୍ୟୁଜ୍ ବ୍ୟୁରୋ

ବାତ୍ୟା ‘ଅକଓ୍ୱାନ୍’ର ପ୍ରଭାବ ହ୍ରାସ ପାଇବା ସହ ରାଜ୍ୟରେ ପରିସ୍ଥିତି କ୍ରମଶଃ ସ୍ୱାଭାବିକ ହେଉଛି। ରାଜ୍ୟ ସରକାରଙ୍କ ସୁଦୃଢ଼ ପ୍ରସ୍ତୁତି, ସମନ୍ୱିତ ପଦକ୍ଷେପ ଏବଂ ସମସ୍ତ ସଂପୃକ୍ତ ବିଭାଗ ଓ ସଂସ୍ଥାର ନିଷ୍ଠାପର ଉଦ୍ୟମ ଯୋଗୁଁ ବାତ୍ୟାର ସଫଳ ମୁକାବିଲା ସମ୍ଭବ ହୋଇପାରିଛି। ଏହି ବିପର୍ଯ୍ୟୟରେ ଜିରୋ କାଜୁଆଲଟି ହାସଲ କରିବା ଆମ ସମସ୍ତଙ୍କ ପାଇଁ ଏକ ବଡ଼ ଉପଲବ୍ଧି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ଏହି ସଫଳତା ପାଇଁ ସାଂସଦ, ବିଧାୟକ ତଥା ନିର୍ବାଚିତ ଜନପ୍ରତିନିଧିବୃନ୍ଦ, ମୁଖ୍ୟ ଶାସନ ସଚିବ, ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି), ସମ୍ପୃକ୍ତ ବିଭାଗୀୟ ସଚିବ, ରେଭେନ୍ୟୁ ଡିଭିଜନାଲ୍ କମିଶନର୍ (ଆରଡିସି), ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ବିଡିଓ, ତହସିଲଦାର, ଓଡ୍ରାଫ୍ , ଏନଡିଆରଏଫ୍ , ଅଗ୍ନିଶମ ବାହିନୀ, ବନ ଉନ୍ନୟନ ନିଗମ, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ ଏବଂ ସମାଜସେବୀ, ବିଭିନ୍ନ ବିଭାଗର ଅଧିକାରୀ ତଥା କର୍ମଚାରୀଙ୍କ ଭୂମିକାକୁ ପ୍ରଶଂସା କରିବା ସହ ମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।





ଏଥିସହ ବିପର୍ଯ୍ୟୟ ସମୟରେ ସଚେତନତା ସୃଷ୍ଟି, ସଠିକ୍ ସୂଚନା ପ୍ରସାରଣ ତଥା ଜନସାଧାରଣଙ୍କୁ ସତର୍କ କରିବାରେ ଏବଂ ବିଭିନ୍ନ ସ୍ଥାନର ସମସ୍ୟା ପ୍ରଶାସନର ଦୃଷ୍ଟିକୁ ତୁରନ୍ତ ଆଣି ତାହାର ସମାଧାନ ଦିଗରେ ଗଣମାଧ୍ୟମର ଭୂମିକାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ପ୍ରତିକୂଳ ସମୟରେ ପ୍ରଶାସନକୁ ସହଯୋଗ କରିଥିବା ରାଜ୍ୟବାସୀଙ୍କୁ ମଧ୍ୟ ସେ କୃତଜ୍ଞତା ଜଣାଇଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, ବାତ୍ୟା ଓ ବର୍ଷା ଯୋଗୁଁ କେତେକ ଅଞ୍ଚଳରେ ଫସଲ କ୍ଷତି *(ପୃଷ୍ଠା ୭ରେ)*

୪,୯୮୮.୪୦ କୋଟି ଟଙ୍କାର ୬ ଲେନ୍ ବିଶିଷ୍ଟ

‘ନିତୀଶ ସେତୁ’କୁ ଉଦ୍‌ଘାଟନ କଲେ ମୋଦୀ

ପାଟନା, ୨୧।୧୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ବିହାର ଗସ୍ତ କରିଛନ୍ତି। ପାଟନା ବିମାନ ବନ୍ଦରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନିତୀଶ କୁମାର ତାଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏନ୍‌ଡିଏ)ର ଅନେକ ବରିଷ୍ଠ ନେତା ଉପସ୍ଥିତ ଥିଲେ। ବିମାନ ବନ୍ଦରରୁ ପ୍ରଧାନମନ୍ତ୍ରୀ ସିଧା ବୈଶାଳୀ ଜିଲ୍ଲାର ରାଘୋପୁର ଯାଇଥିଲେ, ଯେଉଁଠାରେ ସେ ନବନିର୍ମିତ ‘ନିତୀଶ ସେତୁ’କୁ ଉଦ୍‌ଘାଟନ କରିଥିଲେ। ସେ ପ୍ରାୟ ୬ କିଲୋମିଟର ଲମ୍ବ ଏହି ସେତୁକୁ ବିହାରର ଜନସାଧାରଣଙ୍କୁ ଉତ୍ସର୍ଗ କରିଥିଲେ।



ପ୍ରଧାନମନ୍ତ୍ରୀ ତାଙ୍କ ନିର୍ଦ୍ଧାରିତ କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ ରାଘୋପୁର ବିଧାନସଭା କ୍ଷେତ୍ରରେ ଅବସ୍ଥିତ ସେତୁକୁ ପରିଦର୍ଶନ କରିଥିଲେ। ଏହି ସମୟରେ ସେ ସେତୁରୁ ଏକ ଗମୋସା ହଲାଇ ସେଠାରେ ଉପସ୍ଥିତ ଲୋକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହାପରେ ଆନୁଷ୍ଠାନିକ ଉଦ୍‌ଘାଟନ ହୋଇଥିଲା। ଏହି ଅବସରରେ ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ(ଅବସରପ୍ରାପ୍ତ) *(ପୃଷ୍ଠା ୭ରେ)*

ଭାରତର ୭% ଅଭିବୃଦ୍ଧିକୁ ଟ୍ରମ୍ପଙ୍କ ପ୍ରଶଂସା

ୱାଶିଂଟନ, ୨୧।୧୧

ଭାରତର ଅର୍ଥନୈତିକ ଅଭିବୃଦ୍ଧିକୁ ଉଦାହରଣ ଭାବେ ନେଇ ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ଫେଡେରାଲ୍ ରିଜର୍ଭକୁ ସମାଲୋଚନା କରିଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଭାରତରେ ସୁଧହାର ତୁଳନାତ୍ମକ ଭାବେ କମ୍ ଥିବାରୁ ଅର୍ଥନୀତି ପ୍ରାୟ ୭ ପ୍ରତିଶତ ହାରରେ ବଢ଼ୁଥିବା ସେ କହିଛନ୍ତି। ଆମେରିକାରେ ସୁଧହାର ହ୍ରାସ କରାଗଲେ ଅର୍ଥନୈତିକ ଅଭିବୃଦ୍ଧି ୧୪ରୁ ୧୫ ପ୍ରତିଶତ, ଏପରିକି ୨୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିପାରନ୍ତା ବୋଲି ଟ୍ରମ୍ପ ଦାବି କରିଛନ୍ତି।

ହ୍ୱାଇଟ୍ ହାଉସ୍‌ରେ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ଟ୍ରମ୍ପ କହିଛନ୍ତି, ଆମେରିକାରେ ସୁଧହାର ଅଧିକ ରହିବା ପଛରେ ଫେଡେରାଲ୍ ରିଜର୍ଭର ନୀତି ଦାୟୀ। ଦେଶର ଅର୍ଥନୈତିକ ସ୍ଥିତି ଭଲ ହେଲେ ସୁଧହାର ବଢ଼ାଇବା ପରିବର୍ତ୍ତେ ହ୍ରାସ କରିବା ଉଚିତ। ମାତ୍ର ଫେଡେରାଲ୍ ରିଜର୍ଭ ଏହାର ଓଲଟା କରୁଛି। ଏହି ନୀତି ଦେଶର ଅର୍ଥନୈତିକ ସମ୍ଭାବନାକୁ ସୀମିତ କରୁଛି ବୋଲି ସେ ଅଭିଯୋଗ *(ପୃଷ୍ଠା ୭ରେ)*

ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା

ଭୁବନେଶ୍ୱର, ୨୧।୧୧ : ନ୍ୟୁଜ୍ ବ୍ୟୁରୋ

ସୁନ୍ଦରଗଡ଼ ଜିଲ୍ଲା, ସବଡେଗା ତହସିଲର ଦୀପକ ସାହୁ (ପିତା – ସଞ୍ଜୟ ସାହୁ)ଙ୍କର ଦୁଃଖଦ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି।

ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେଲେ ଶ୍ରୀଜୀଉ

ପୁରୀ, ୨୧।୧୧ : ନ୍ୟୁଜ୍ ବ୍ୟୁରୋ

ଶନିବାର ଶ୍ରୀମନ୍ଦିରରେ ହରିଉତ୍ଥାପନ ଏକାଦଶୀ ନୀତି ଅନୁଷ୍ଠିତ ହୋଇଯାଇଛି। ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଛି ପବିତ୍ର ପଞ୍ଚୁକ ବ୍ରତ । ପ୍ରଥମ ଦିବସରେ ନିଦ୍ରାରୁ ଉଠିଲେ ଶ୍ରୀହରି । ଏହି ଅବସରରେ *(ପୃଷ୍ଠା ୭ରେ)*

୨୫୦ କୋଟି ଟଙ୍କାରେ ଗଠନ ହେବ ଓଡ଼ିଶା ସାଇବର କମାଣ୍ଡ ସେଣ୍ଟର

ଭୁବନେଶ୍ୱର, ୨୧।୧୧ : ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ସାଇବର ଅପରାଧ, ଆର୍ଥିକ ଠକେଇ ଏବଂ ଏହା ସହିତ ମହିଳା ଓ ଶିଶୁମାନଙ୍କ ବିରୁଦ୍ଧରେ ହେଉଥିବା ସାଇବର ଅତ୍ୟାଚାରକୁ ରୋକିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବଡ ପଦକ୍ଷେପ ନେଇ ‘ଓଡ଼ିଶା ସାଇବର କମାଣ୍ଡ ସେଣ୍ଟର’ ଗଠନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ୨୪୯.୩୯ କୋଟି ଟଙ୍କା ମଞ୍ଜୁର ମଧ କରିଛନ୍ତି। ସାଇବର ଅପରାଧକୁ ଚିହ୍ନଟ କରିବା, ରୋକିବା ଏବଂ ବିଭିନ୍ନ ପ୍ରକାର ସାଇବର ଠକେଇ ଓ ସାଇବର ବିପଦର ନିୟନ୍ତ୍ରଣ ପାଇଁ ତଦନ୍ତ କରିବା କ୍ଷେତ୍ରରେ ଏହି କମାଣ୍ଡ ସେଣ୍ଟର ଏକ ବିଶେଷଜ୍ଞ ସଂସ୍ଥା ଭାବେ କାର୍ଯ୍ୟକରିବ।

ଏହାର ମୁଖ୍ୟତଃ ୪ଟି ମୁଖ୍ୟ ଶାଖା ରହିବ। ଏହି ଶାଖା ଗୁଡିକ ହେଉଛି– ସାଇବର କ୍ରାଇମ ହେଡକ୍ୱାର୍ଟର୍ସ, ଷ୍ଟେଟ ସାଇବର କ୍ରାଇମ ପୋଲିସ ଷ୍ଟେସନ, ସାଇବର ରିସୋର୍ସ ସେଣ୍ଟର ଏବଂ ଇଓ ପ୍ରେଡିକ୍ଟିଭ୍ ପୋଲିସିଙ୍ଗ୍ ଆଣ୍ଡ ଡାଟା ଆନାଲିଟିକ୍ସ ସେଣ୍ଟର ।

46001/32/2627

ମଧୁବାବୁ ପେନ୍‌ସନ୍ ଯୋଜନା ଅନ୍ତର୍ଗତ ନୂତନ ହିତାଧିକାରୀ ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP) ଅଧୀନରେ ବ୍ୟାଙ୍କ ମାଧ୍ୟମରେ ଭତ୍ତା ପାଉଥିବା ହିତାଧିକାରୀଙ୍କ ପାଇଁ ଜରୁରୀ ସୂଚନା

୧. ଗତ ୧୦ ନଭେମ୍ବର ୨୦୨୬ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମଧୁବାବୁ ପେନ୍‌ସନ୍ ଯୋଜନା ଅଧୀନରେ **୫,୦୫,୮୧୭** ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନର ଶୁଭାରମ୍ଭ କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ, ନଭେମ୍ବର ୧୧ ଓ ୧୨ ତାରିଖରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଏବଂ ୧୩ ଓ ୧୪ ତାରିଖରେ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ମାଧ୍ୟମରେ ନୂତନ ହିତାଧିକାରୀମାନଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା । ଯେଉଁ ନୂତନ ହିତାଧିକାରୀମାନେ ରାଜ୍ୟସ୍ତରୀୟ, ଜିଲ୍ଲାସ୍ତରୀୟ କିମ୍ବା ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ଏପର୍ଯ୍ୟନ୍ତ ଭତ୍ତା ଗ୍ରହଣ କରିପାରିନାହାନ୍ତି, ସେମାନଙ୍କୁ ଆସନ୍ତା **ନଭେମ୍ବର ମାସ ୨୫ ତାରିଖ** ଦିନ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ କିମ୍ବା ୱାର୍ଡ ଅଫିସରେ ଭତ୍ତା ପ୍ରଦାନ କରାଯିବ

୨. ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP) ଅଧୀନରେ ବ୍ୟାଙ୍କ ମାଧ୍ୟମରେ ଭତ୍ତା ପାଉଥିବା **୧୯,୭୩,୯୫୯** ହିତାଧିକାରୀମାନଙ୍କୁ ଅକ୍ଟୋବର ଓ ନଭେମ୍ବର ମାସର ଓଡ଼ିଶା ସରକାରଙ୍କ ଭାଗ ଟଙ୍କା ନଗଦ ଆକାରରେ **ନଭେମ୍ବର ମାସ ୨୫ ତାରିଖ** ଦିନ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ କିମ୍ବା ୱାର୍ଡ ଅଫିସରେ ପ୍ରଦାନ କରାଯିବ ଓ ଭାରତ ସରକାରଙ୍କ ଭାଗ ଟଙ୍କା ପୂର୍ବ ଭଳି ସିଧା ବ୍ୟାଙ୍କ ଖାତାକୁ ଯିବ

ଭତ୍ତାର ପରିମାଣ ଓ ବିବରଣୀ ନିମ୍ନ ରେ ଦିଆଗଲା (ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ):

ଭତ୍ତାର ପ୍ରକାର	ଯୋଗ୍ୟତା ମାନଦଣ୍ଡ	ଭାରତ ସରକାରଙ୍କ ଭାଗ(₹)	ଓଡ଼ିଶା ସରକାରଙ୍କ ଭାଗ(₹)	ମୋଟ୍ ପେନ୍‌ସନ୍(₹)
ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ପେନ୍‌ସନ୍ ଯୋଜନା (IGNOAPS)	(ବୟସ ୬୦ ରୁ ୭୯)	୨୦୦	୮୦୦	୧୦୦୦
	(ବୟସ ୮୦ ଓ ତଦୁର୍ଦ୍ଧ୍ୱ)	୫୦୦	୩୦୦୦	୩୫୦୦
ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ପେନ୍‌ସନ୍ ଯୋଜନା (IGNWPS)	(ବୟସ ୪୦ ରୁ ୭୯)	୩୦୦	୭୦୦	୧୦୦୦
	ବୟସ ୮୦ ଓ ତଦୁର୍ଦ୍ଧ୍ୱ	୫୦୦	୩୦୦୦	୩୫୦୦
ଇନ୍ଦିରା ଗାନ୍ଧୀ ଜାତୀୟ ଦିବ୍ୟାଙ୍ଗ ପେନ୍‌ସନ୍ ଯୋଜନା (IGNDPS)	୮୦% ଓ ତଦୁର୍ଦ୍ଧ୍ୱ ଭିନ୍ନକ୍ଷମତା ଓ ବୟସ ୧୮ ରୁ ୭୯	୩୦୦	୩୨୦୦	୩୫୦୦
	୮୦% ଓ ତଦୁର୍ଦ୍ଧ୍ୱ ଭିନ୍ନକ୍ଷମତା ଓ ବୟସ ୮୦ ଓ ତଦୁର୍ଦ୍ଧ୍ୱ	୫୦୦	୩୦୦୦	୩୫୦୦

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର
OIPR : 46001/46001/2/26-27/0013

32 YEARS
ସମ୍ବାଦ ଜାହ୍ନବୀ
ଭୁବନେଶ୍ୱର ୨୨ ନଭେମ୍ବର ରବିବାର ୨୦୨୬



ପୃଷ୍ଠା 9

ନିଶାମୁକ୍ତ ସମାଜ ଗଠନ ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ



ବରଗଡ଼, ନ୍ୟୁଜ୍ ବ୍ୟୁରୋ

ପଞ୍ଚାୟତ ସମିତି ମହାବିଦ୍ୟାଳୟ ଗାଇସିଲାଟ ଠାରେ ଭାରତୀୟ ରେଡକ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ସହଯୋଗରେ ଏକ ଦିବସୀୟ ନିଶାମୁକ୍ତ ଅଭିଯାନ ସମ୍ପର୍କିତ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜୟକେତନ ତ୍ରିପାଠୀ ପତାକା ଉତ୍ତୋଳନ କରି ଶୁଭାରମ୍ଭ କରିଥିଲେ ଓ ସମସ୍ତଙ୍କ ସହଯୋଗ କାମନା କରିବା ସହ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଉଦ୍‌ଘାଟନୀ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ, ସମ୍ମାନିତ ଅତିଥି ଭାବରେ ରେଡକ୍ରସ୍ ଜିଲ୍ଲା ସଂଯୋଜକ ପରମାନନ୍ଦ ରଥ, ପଞ୍ଚାୟତ ସମିତି ମହାବିଦ୍ୟାଳୟର ରେଡକ୍ରସ୍ କାଉନ୍‌ସିଲର୍ ପ୍ରତୀକ୍ଷା ତନ୍‌ସେନା, ନମିତା ସାହୁ, ଦଶରଥ ମେହେର ଓ ଅରୁଣ କୁମାର ମୁନା ମଞ୍ଚାସୀନ ଥିଲେ। ପ୍ରତୀକ୍ଷା ତନସନା ସଭାକୁ ସଂଯୋଜନା କରିଥିଲେ। ପ୍ରଥମ ଅଧିବେଶନରେ ପ୍ରଫେସର ଖଗେଶ୍ୱର ଦାଶ ପରିବାର, ସମାଜ ଓ ଶିକ୍ଷାନୁଷ୍ଠାନରେ ନିଶା ନିବାରଣ ପାଇଁ ବ୍ୟକ୍ତିର ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଡାକ୍ତର ଅମିତ ଦାଶ ଯୁବକ ମାନଙ୍କ ନିଶାସେବନ ତାଙ୍କ ଶାରୀରିକ ଓ ମାନସିକ ସନ୍ତୁଳନକୁ ହରାଇବା ସହ ପରିବାରକୁ କିପରି ଯନ୍ତ୍ରଣା ଦେଇଥାଏ, ତାଉପରେ ଆଲୋଚନା ରଖିଥିଲେ। ତୃତୀୟ ଅଧିବେଶନରେ ପରମାନନ୍ଦ ରଥ ସାଂପ୍ରତୀକ ଛାତ୍ର ସମାଜ ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ତାଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ କିପରି ବ୍ରତୀ ହେବେ, ସେ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ତିମ ଅଧିବେଶନରେ ଏଏସ୍‌ଆଇ ରିତାଞ୍ଜଳୀ ଖମାରୀ ଛାତ୍ରଛାତ୍ରୀମାନଙ୍କ ନିଶାସେବନ ଏକ ଅପରାଧ ଓ ତାଙ୍କ ଉପରେ କେଉଁ କେଉଁ ଅପରାଧିକ ମାମଲା ରୁଜୁ ହୋଇ ତାଙ୍କ ଜୀବନକୁ ନଷ୍ଟ କରିଥାଏ, ସେ ସମ୍ପର୍କରେ ସଚେତନ କରାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଛାତ୍ରଛାତ୍ରୀମାନଙ୍କର ମନୋରଞ୍ଜନ ଧର୍ମୀ ସଂସ୍କୃତିକ କାର୍ଯ୍ୟକ୍ରମ ସହ ନିଶା ନିବାରଣ ବିଷୟରେ ପ୍ରବନ୍ଧ ଲିଖନ ଓ ବକୃତା ପ୍ରତିଯୋଗିତା ହୋଇ, ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ ଅଧିବେଶନରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ସାହୁ ଓ ମନୋଜ କୁମାର ପଣ୍ଡା ମଞ୍ଚାସୀନ ଥିଲେ। ଏହି ତାଲିମ୍ ଶିବିରରେ ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁର, ଗୌତମ ବୁଦ୍ଧ ମହାବିଦ୍ୟାଳୟ ଗନିଆଁପାଲି, ଜମଲା ମହାବିଦ୍ୟାଳୟ, ବୀରେନ୍ଦ୍ର ମହାବିଦ୍ୟାଳୟ କଠଉମାଲ, ଘେଁସ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ପଦ୍ମପୁର ଏବଂ ପଞ୍ଚାୟତ ସମିତି ମହାବିଦ୍ୟାଳୟ, ଗାଇସିଲାଟର ଶତାଧିକ ଛାତ୍ରଛାତ୍ରୀ ଓ ରେଡକ୍ରସ୍ କାଉନ୍‌ସିଲରମାନେ ଯୋଗଦାନ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ପରିଶେଷରେ କାଉନ୍‌ସିଲର ନମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଦିନେ ଖାଇଲେ, ଆରଦିନକୁ ଉପାସ : ଭତ୍ତା ଓ ରାସନ୍ ଅପେକ୍ଷାରେ ମହିଳା



କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ

ଆଧାର କାର୍ଡ ପଞ୍ଜୀକରଣ କରିନଥିବାରୁ ରାସନ ଓ ଭତ୍ତାରୁ ବଞ୍ଚିତ ହୋଇଛନ୍ତି ଦିବ୍ୟାଙ୍ଗ । ଫଳରେ ଗତ ୩ ମାସ ହେବ ତାଙ୍କୁ ଭତ୍ତା ମିଳୁନାହିଁ। ଦହଗଞ୍ଜ ହୋଇ ଚଳୁଛନ୍ତି ଦିବ୍ୟାଙ୍ଗ ଯୁବତୀ । କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ୍ ଅନ୍ତର୍ଗତ ଖମୋଳ ଗାଁରୁ ଏ ଚିତ୍ର ଆସିଛି । ଅର୍ଥାଭାବରୁ ଦିନ ଖାଇଲେ ଆରଦିନ ଉପାସ ରହୁଛନ୍ତି ୪୦ ବର୍ଷୀୟା ଦିବ୍ୟାଙ୍ଗ ଯୁବତୀ ମିନିତୀ ଦାସ । ଯେତେବେଳେ କେହି ତାଙ୍କ ପାଇଁ ଖାଦ୍ୟ ଆଣିଦିଅନ୍ତି, ସେତେବେଳେ ସେ ଖାଆନ୍ତି । ଅନ୍ୟ ଦିନଗୁଡ଼ିକରେ ତାଙ୍କୁ ଭୋକିଲା ରହିବାକୁ ପଡ଼େ ବୋଲି କହିଛନ୍ତି ମିନତୀ ।

ମିଳିଥିବା ସୂଚନା ଅନୁସାରେ, ମିନତୀଙ୍କର ବାପାମା' କେହି ନାହାନ୍ତି। ତାଙ୍କୁ ମାତ୍ର ୪ ମାସ ହୋଇଥିବା ବେଳେ ବାପାଙ୍କ ଦେହାନ୍ତ ହୋଇଥିଲା। ମା' ବହୁ କଷ୍ଟରେ ପାଠ ପଢ଼ାଉଥିବା ବେଳେ ମାତ୍ର ୧୦ ବର୍ଷ ବୟସରେ ସ୍କୁଲରେ ଖେଳୁଥିବା ସମୟରେ ତଳେ ପଡ଼ିଯାଇ ପ୍ରଥମେ ଗୋଡ଼ରେ ଆଘାତ ଲାଗିଥିଲା । ଅର୍ଥାଭାବରୁ ସଠିକ୍ ସମୟରେ ଚିକିତ୍ସା ହୋଇ ପାରିନଥିଲା। ଶେଷରେ ଗୋଡ଼ ଅକାମୀ ହୋଇଗଲା। ପରେ ଦୁଇ ହାତ ମଧ୍ୟ ଆଘାତପ୍ରାପ୍ତ ହୋଇ ବଙ୍କା ହୋଇ ଯାଇଥିଲା । ଗତ ୮ବର୍ଷ ତଳେ ମା'ଙ୍କୁ ହରାଇବା ପରେ ସେ ସମ୍ପୂର୍ଣ୍ଣ ଏକାକୀ ହୋଇପଡିଛନ୍ତି । ସେ ଚାଲିପାରନ୍ତି ନାହିଁ । ଖାଦ୍ୟ ପାଇଁ ସେ ପଡ଼ୋଶୀ ଓ ସମ୍ପର୍କୀୟଙ୍କ ଉପରେ ନିର୍ଭର କରନ୍ତି । ତାଙ୍କ ପାଖରେ ଆଧାର କାର୍ଡ ନଥିବାରୁ ଗତ ତିନି ମାସ ଧରି ସେ ନା ଦିବ୍ୟାଙ୍ଗ ପେନ୍ସନ୍ ପାଇଛନ୍ତି, ନା ସରକାରୀ ରିହାତି ମୂଲ୍ୟରେ ମିଳୁଥିବା ଚାଉଳ। ସେ ସହାୟତା ପାଇଁ ସରପଞ୍ଚଙ୍କ ନିକଟକୁ ଯାଇଥିଲେ, କିନ୍ତୁ ଏପର୍ଯ୍ୟନ୍ତ ତାଙ୍କୁ କୌଣସି ସାହାଯ୍ୟ ମିଳିନାହିଁ । ପଡ଼ୋଶୀ ପ୍ରମୋଦ ବେହେରା କହିଛନ୍ତି ଯେ ସେ ନିଜେ ଉଠିପାରନ୍ତି ନାହିଁ ଏବଂ ବହୁ କଷ୍ଟରେ ଚଳପ୍ରଚଳ କରନ୍ତି । ଖମୋଳ ପଞ୍ଚାୟତର ସମିତି ସଭ୍ୟ ଅକ୍ଷୟ କୁମାର ନାୟକ କହିଛନ୍ତି ଯେ, ଆଧାର ପଞ୍ଜୀକରଣ ପାଇଁ ସେ ମିନତୀଙ୍କୁ ତିନି ଥର ବ୍ଲକ୍ କାର୍ଯ୍ୟାଳୟକୁ ନେଇଥିଲେ । କିନ୍ତୁ ପ୍ରତ୍ୟେକ ଥର ତାଙ୍କ ଫିଙ୍ଗର ପ୍ରିଣ୍ଟ ଏବଂ ଆଖି ସ୍କାନ୍ ନିଆଯାଇପାରିଲା ନାହିଁ । ଦିବ୍ୟାଙ୍ଗ ହୋଇଥିବାରୁ ମିନତୀଙ୍କ ପାଖରେ ନିଜ ପାଇଁ ଖାଦ୍ୟ ଯୋଗାଡ଼ କରିବାର କୌଣସି ଉପାୟ ନାହିଁ । ଚାରି ମାସ ତଳେ ଯେତେବେଳେ ମାନୁଆଲ୍ ପେନସନ୍ ମିଳିବା ମଧ୍ୟ ପୁଣି ବନ୍ଦ ହୋଇଯାଇଥିଲା । ତାଙ୍କୁ ସହଯୋଗର ହାତ ବଢ଼ାଇଥିବା ଆଦର୍ଶ ଫାଉଣ୍ଡେସନର ଦୀପକ ଜେନା କହିଛନ୍ତି ଯେ, ସେ ନିଜେ ବି ଜଣେ ଦିବ୍ୟାଙ୍ଗ । ତାଙ୍କର ଜଣେ ସହଯୋଗୀ ହ୍ୱାଟସ୍‌ଆପ୍ ଗ୍ରୁପରେ ମିନତୀଙ୍କ ଫଟୋ ପଠାଇବା ପରେ ସଂସ୍ଥା ପକ୍ଷରୁ କିଛି ସହାୟତା ପ୍ରଦାନ କରାଯାଇଛି । ଅନ୍ୟପକ୍ଷେ ଜିଲ୍ଲା ପ୍ରଦାନ ବନ୍ଦ ହୋଇଗଲା, ସେତେବେଳେ ତାଙ୍କ ପେନ୍ସନ୍, ଓସୱାନ୍‌ର ଡେପୁଟି ଜେନେରାଲ୍ ମ୍ୟାନେଜର ଜ୍ଞାନରଞ୍ଜନ ସେଠୀଙ୍କୁ ପଚାରିବାରୁ କହିଛନ୍ତି ଯେ ଆଧାର ପଞ୍ଜୀକରଣ ପାଇଁ ମିନତୀ ୨୦୨୫ ମସିହାରେ ଡେରାବିଶ ବ୍ଲକ୍ କାର୍ଯ୍ୟାଳୟକୁ ଯାଇଥିଲେ । କିନ୍ତୁ ସେତେବେଳେ ତାଙ୍କର ଆଙ୍ଗୁଠି ଛାପ ଏବଂ ଆଖିର ସ୍କାନ୍ ନିଆଯାଇପାରି ନଥିଲା । ତା' ପରେ ସେ ଆଉ କାର୍ଯ୍ୟାଳୟ ସହ ଯୋଗାଯୋଗ କରିନାହାନ୍ତି । ଆମେ ଏ ଦିଗରେ ଖୁବଶୀଘ୍ର ପଦକ୍ଷେପ ନେବୁ ।

୧୧୭୪ ଜଣଙ୍କୁ ନୂଆ ଭତ୍ତା ବାଣ୍ଟିଲେ ବିଧାୟକ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଜଗତସିଂହପୁର ବ୍ଲକରେ ସୋମବାର ନୂତନ ଭତ୍ତା ଯୋଜନାରେ ଯୋଗ୍ୟ ହୋଇଥିବା ୩୦ ଗୋଟି ପଞ୍ଚାୟତର ୧୧୭୪ ଜଣ ନୂଆ ଭତ୍ତା ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜନାରେ ଭତ୍ତା ବଣ୍ଟନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ୨ ମାସର ଭତ୍ତା ୨ ହଜାର ଟଙ୍କା, ୬୦% ରୁ ଉର୍ଦ୍ଧ୍ୱ ୮୦%ରୁ କମ୍ ଥିବା ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ୨ ମାସର ଭତ୍ତା ୨୪ ଶହ ଟଙ୍କା, ୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି କିମ୍ବା ୮୦%ରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ୨ ମାସର ଭତ୍ତା ୭ ହଜାର ଟଙ୍କା ପ୍ରଦାନ କରିଛନ୍ତି ବିଧାୟକ ଶ୍ରୀ ଦାସ । ଏହାସହ ତାଙ୍କ ବକ୍ତବ୍ୟରେ ଆମ ନୂତନ ସରକାର ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ସବୃଦ୍ଧ ଓ ସରଳିକରଣ କରିଛନ୍ତି । ଯାହାଦ୍ୱାରା ପୂର୍ବ ସରକାରର କୋଟା ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇ ସାରା ରାଜ୍ୟରେ ନୂଆ ଭତ୍ତା ୫ ଲକ୍ଷରୁ ଉର୍ଦ୍ଧ୍ୱ ନୂଆ ହିତାଧିକାରୀ ସାମିଲ ହୋଇପାରିଛନ୍ତି । ଭତ୍ତା ପ୍ରଦାନ ବ୍ୟବସ୍ଥା କିପରି ସ୍ୱଚ୍ଛ, ଦୁର୍ନୀତି ମୁକ୍ତ ହୋଇପାରିବ ସମସ୍ତେ ସଜାଗ ହୁଅନ୍ତୁ ଗାଁରେ ଯଦି କିଏ ଲାଞ୍ଚ ମାଗେ ତାଙ୍କୁ ଉଚିତ୍ ଜବାବ ଦିଅନ୍ତୁ ବୋଲି ପରାମର୍ଶ ଦେଇଥିଲେ। ଆମ ନୂଆ ସରକାର Upmp ପୋର୍ଟାଲକୁ ନୂଆ କାର୍ଯ୍ୟକ୍ଷମ କରିଛନ୍ତି । ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ ଭୋଟର କିମ୍ବା ଆଧାରରେ ହେବା ମାତ୍ର କେ ସମସ୍ତ ବୃଦ୍ଧ ମା', ବାପାମାନେ ସିଧାସଳଖ ଜନସେବା କେନ୍ଦ୍ର, କିମ୍ବା ବିଡିଓ କାର୍ଯ୍ୟାଳୟ ଜରିଆରେ ଅନ୍‌ଲାଇନ୍‌ରେ ଆବେଦନ କରନ୍ତୁ । ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଏବିଡିଓ ସୁନୀଲ କୁମାର ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ସାମ୍ମାନୀତ ଅତିଥି ଭାବେ ଜଗତସିଂହପୁର ବ୍ଲକ ଅଧ୍ୟକ୍ଷା କନକପ୍ରଭା ଲେଙ୍କା, ଉପାଧ୍ୟକ୍ଷ ରତିରଞ୍ଜନ ବେହେରା, ଜିଲ୍ଲାପରିଷଦ ଅଧ୍ୟକ୍ଷ ମନୋଜ ଭୋଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ବିଏସ୍‌ଏସ୍‌ଓ ରୂପରେଖା ସାହୁ ଯୋଗ ଦେଇଥିଲେ ।

ଆଶ୍ରମ ବିଦ୍ୟାଳୟରେ 'ଆମେ ଜାଣିବା, ଆମେ ଜିଣିବା' କାର୍ଯ୍ୟକ୍ରମ

କଟକ, ନ୍ୟୁଜ୍ ବ୍ୟୁରୋ

ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଗରୁଡ଼ଗାଁ ପଞ୍ଚାୟତ ଅଧୀନରେ ଥିବା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ତୁଳସୀପୁର ଆଶ୍ରମ ବିଦ୍ୟାଳୟ ପରିସରରେ 'ଆମେ ଜାଣିବା, ଆମେ ଜିଣିବା' କାର୍ଯ୍ୟକ୍ରମ ପିତାମାତାଙ୍କ ସହଭାଗିତାରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନସ ରଞ୍ଜନ ମାଝୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସହକାରୀ ଶିକ୍ଷକ ଶେଷଦେବ ପ୍ରଧାନ ସଭା ସଞ୍ଚାଳନ କରିବା ସହ ବିଦ୍ୟାଳୟରେ ଚାଲିଥିବା ବିଭିନ୍ନ ଶିକ୍ଷାମୂଳକ ଓ ସହପାଠ୍ୟକ୍ରମ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ବିବରଣୀ ରଖିଥିଲେ। କାର୍ଯ୍ୟକ୍ରମରେ ଗରୁଡ଼ଗାଁ ସରପଞ୍ଚ ଦୀପ୍ତିମୟୀ ବେହେରା ମୁଖ୍ୟ ଅତିଥି, ସାମ୍ବାଦିକ ହେମନ୍ତ କୁମାର ରାଉତ ମୁଖ୍ୟବକ୍ତା ଏବଂ ପ୍ରମୋଦ କୁମାର ଜଟ ଓ ସମାଜସେବୀ ସୁବୋଧ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା, ଶୃଙ୍ଖଳା ଓ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ନେଇ ବହୁ ଉପାଦେୟ ପରାମର୍ଶ ଦେଇଥିଲେ। କେବଳ ଶିକ୍ଷକମାନଙ୍କ ଉପରେ ପିଲାମାନଙ୍କ ଶିକ୍ଷା ଓ ଭବିଷ୍ୟତ ଗଠନର ସମସ୍ତ ଦାୟିତ୍ୱ ଛାଡ଼ିଦେଲେ ହେବନାହିଁ। ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପିତାମାତାଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ପିତାମାତା, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମିଳିତ ସହଯୋଗ ଓ ସହଭାଗିତା ଦ୍ୱାରା ହିଁ ଏହା ସମ୍ଭବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ପ୍ରମୋଦ କୁମାର ଜଟ ବିଦ୍ୟାଳୟ ପରିସରରେ ବିର୍ସା ମୁଣ୍ଡାଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ନୃତ୍ୟ ଓ ସଙ୍ଗୀତ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିବା ବେଳେ ଅଭିଭାବକମାନଙ୍କ ମଧ୍ୟରେ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତା ବେଶ୍ ଆକର୍ଷଣୀୟ ହୋଇଥିଲା। ବିଦ୍ୟାଳୟର ଉନ୍ନତ ଶିକ୍ଷା ବ୍ୟବସ୍ଥା, ନୃତ୍ୟ, ସଙ୍ଗୀତ, ଖାଦ୍ୟପେୟ, କ୍ରୀଡ଼ା ଏବଂ ଜୀବନ ଜୀଇଁବାର କଳା ସମ୍ପର୍କିତ ଶିକ୍ଷା ପାଇ ପିଲାମାନେ ଆନନ୍ଦିତ ହେଉଥିବା ପ୍ରକାଶ କରିଥିଲେ। ଏଠାକାର ପରିବେଶ ଓ ସୁବିଧାସୁଯୋଗ ଯୋଗୁଁ ଘର କଥା ମଧ୍ୟ ଭୁଲିଯାଉଥିବା ସେମାନେ କହିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଆଶ୍ରମ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

ବୌଦ୍ଧରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ବଣ୍ଟନ ସମାରୋହ



ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ର ନୂତନ ବଣ୍ଟନ ସମାରୋହ ତଥା ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ମୁଖ୍ୟ ଅତିଥି ଏବଂ କଣ୍ଧମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ କହ୍ନାଇ ଚରଣ ଡାଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କନ୍ଧମାଳ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଏପିଡି ଯଦୁମଣି ନାୟକ, ଜିଲ୍ଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥ, ଉପାଧ୍ୟକ୍ଷା ପାନେଶ୍ୱରି ଦେହୁରୀ, ବୌଦ୍ଧ ବିଡିଓ ଯୁଗଳ କିଶୋର ବିଶ୍ୱାଳ ଯୋଗଦେଇଥିଲେ। ଏଠାରେ ବହୁ ଜନପ୍ରତିନିଧି, ଅଧିକାରୀ ଓ ହିତାଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ବଲାଙ୍ଗୀର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଶୁଭାରମ୍ଭ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବୌଦ୍ଧ ଠାରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସିଧାପ୍ରସାରଣ କରାଯାଇଥିଲା। ସମାରୋହରେ ଅତିଥିମାନେ ନିଜ ଅଭିଭାଷଣରେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହେଉଛି ଗରିବ ଓ ଅସହାୟ ପରିବାରଙ୍କ ଜୀବନରେ ଏକ ନୂତନ ଆଶାର କିରଣ। ଯେଉଁ ପରିବାରମାନେ ଆଜି ମଧ୍ୟ ନିଜସ୍ୱ ପକ୍କା ଘର ଖଣ୍ଡିଏ ପାଇବାରୁ ବଞ୍ଚିତ, ସେମାନଙ୍କୁ ଏହି ଯୋଜନା ମାଧ୍ୟମରେ ସୁରକ୍ଷିତ ଓ ସମ୍ମାନଜନକ ବାସସ୍ଥାନ ଯୋଗାଇ ଦିଆଯାଇପାରିବ। ଏକ ସୁଦୃଢ଼ ପକ୍କା ଘର କେବଳ ମୁଣ୍ଡ ଗୁଞ୍ଜିବାର ଆଶ୍ରୟ ନୁହେଁ, ବରଂ ଏହା ଏକ ପରିବାରର ସୁରକ୍ଷା, ସ୍ୱାଭିମାନ ଓ ଉନ୍ନତ ଜୀବନ ଯାପନର ଆଧାର ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅତିଥିମାନେ ୧୦୮୯ ଜଣ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ୍ ଭତ୍ତା ପ୍ରଦାନ କରିଥିଲେ । ସରକାରଙ୍କ ଏହି ଜନକଲ୍ୟାଣକାରୀ ଯୋଜନାର ସୁଫଳ ଯେପରି ପ୍ରତ୍ୟେକ ଯୋଗ୍ୟ ଓ ବଞ୍ଚିତ ପରିବାରଙ୍କ ନିକଟରେ ପହଞ୍ଚିବ, ସେଥିପାଇଁ ପ୍ରଶାସନ ଓ ଜନପ୍ରତିନିଧିମାନେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।

ଆଇନ୍‌ସେବା ପ୍ରାଧିକରଣ ତରଫରୁ ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲା ଆଇନ୍‌ସେବା ପ୍ରାଧୀକରଣ ଆନୁକୁଲ୍ୟରେ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଦୀନବନ୍ଧୁ ସାହୁ ଆଇନ୍ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଆଇନ୍ ସେବା ଦିବସ ପାଳନ ହୋଇଥିଲା। ଜିଲ୍ଲା ଆଇନ୍ ପାଳନ ସପ୍ତାହ ମଧ୍ୟ ସଂଶ୍ଳିଷ୍ଟ ଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାଧୀକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଦୀପକ କୁମାର ଯୋ

32 YEARS
ସମ୍ବାଦ ଜାହ୍ନବୀ
ଭୁବନେଶ୍ୱର, ୨୨ ନଭେମ୍ବର ୨୦୨୬ ରବିବାର



ଲଗାଣ ବର୍ଷାରେ ଜନଜୀବନ ବେହାଲ

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ବାତ୍ୟା ଅକଭାନ ପ୍ରଭାବରେ ଯାଜପୁର ଜିଲ୍ଲାରେ ଗୁରୁବାର ସକାଳ ଠାରୁ ବର୍ଷା ଲାଗିରହିଛି । ବାତ୍ୟାରେ ଅଧିକ ପବନ ଓ ବର୍ଷା ପାଇଁ ଲୋକମାନେ ଆଶଙ୍କାରେ ଅଛନ୍ତି । ନିତ୍ୟ ବ୍ୟବହାର ସାମଗ୍ରୀ ଅଧିକ ଦାମ୍‌ରେ କିଣି ପାଖରେ ରଖିଛନ୍ତି । ତଳିଆ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ଲୋକଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି । ଅପରାହ୍ନରୁ ବର୍ଷା ଓ ପବନ ବଢ଼ିଥିବା ବେଳେ ସନ୍ଧ୍ୟାରେ କମିଥିଲା । ଜିଲ୍ଲା ପ୍ରସାଶନ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ଶୁକ୍ରବାର ମଧ୍ୟାହ୍ନ ସୁଧା ଧର୍ମଶାଳା ବ୍ଲକରେ ୫୦ ମିମି, ଯାଜପୁରରେ ୪୩ ମିମି, ଦାନଗଦି ରେ ୪୮ ମିମି, ବିଂଝାରପୁର ୩୧ ମିମି କୋରେଇରେ ୩୭ ମିମି ଦଶରଥପୁରରେ ୩୦ ମିମି ରସୁଲପୁର ୨୭ ମିମି, ସୁକିନ୍ଦାରେ ୨୮ ମିମି, ବଡ଼ଚଣାରେ ୨୦ ମିମି, ବରାରେ ୬୦ ମମି ବର୍ଷା ରେକର୍ଡ କରାଯାଇଛି । ଜିଲ୍ଲାରେ ବର୍ଷାହାର ୩୭.୪୭ ରହିଛି । ଅଦିନିଆ ବର୍ଷା ଫଳରେ ଫସଲ ନଷ୍ଟ ହୋଇଛି । ଥୋଡ, ପାଚିଲା ଧାନ ଓ ପନିପରିବା ଫସଲରେ ବ୍ୟାପକ ଭାବେ କ୍ଷତି ହୋଇଛି ।

///////////////////// ସୁଦାମ ନାଗ ଗୁଳିକାଣ୍ଡର ପର୍ଦ୍ଦାଫାସ୍ /////////////////////

ତ୍ରିକୋଣୀୟ ପ୍ରେମର କରୁଣ ପରିଣତି:ପତ୍ନୀ ସମେତ ୩ ଗିରଫ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ



ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଅଞ୍ଚଳର ସାଲେପାଲି-ଆଇଁଲାସାରୀ ରାସ୍ତାର ପଙ୍କେଲ ଛକ ନିକଟରେ ଗତ ୧୭ ତାରିଖ ସନ୍ଧ୍ୟାରେ ସୁଦାମ ନାଗଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା । ଏହି ମାମଲାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ତ୍ରିଲୋଚନ ଓରଫ୍ ଟିଙ୍କୁ ବାଗ, ଯୁବରାଜ ସାହୁ ଏବଂ ମୃତକଙ୍କ ପତ୍ନୀ କବିତା ନାଗ । ଏନେଇ ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ସୂଚନା ଦେଇଛନ୍ତି ଏସ୍‌ପି ନାରାୟଣ ନାଏକ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କେ. କେ ହରିପ୍ରସାଦ । ପୋଲିସ ତଦନ୍ତରୁ ଜଣାପଡ଼ିଛି, କବିତା ନାଗଙ୍କ ସହିତ ତାଙ୍କ ବ୍ରାହ୍ମଣୀପାଲି ଗ୍ରାମର ଯୁବରାଜ ସାହୁ ଓ ପରେ ନିକଟସ୍ଥ କପାସିରା ଗ୍ରାମର ତ୍ରିଲୋଚନ ବାଗଙ୍କର ପ୍ରାୟ ଦୀର୍ଘ ବର୍ଷ ଧରି ବନ୍ଧୁତା ରହିଥିଲା । ଏହା ଜାଣିବା ପରେ ସୁଦାମ ନାଗ ତ୍ରିଲୋଚନଙ୍କୁ ଘରକୁ ଆସିବାକୁ ବାରଣ କରିଥିଲେ । ଏହାକୁ ନେଇ ତିନିଜଣ ମିଶି ସୁଦାମଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର ରଚିଥିଲେ । ଷଡ଼ଯନ୍ତ୍ର ପାଇଁ କବିତା ନାଗ ନିଜର ସୁନା ମଙ୍ଗଳସୂତ୍ର ତ୍ରିଲୋଚନଙ୍କୁ ଦେଇଥିଲେ । ତ୍ରିଲୋଚନ ଏହାକୁ ଜଣେ ବଣିଆଙ୍କ ନିକଟରେ ୪୫ ହଜାର ଟଙ୍କାରେ ବନ୍ଧକ ପକାଇଥିଲେ । ସେହି ଟଙ୍କାରେ ସେ ରାଉରକେଲାର ଜଣେ ବ୍ୟକ୍ତିଙ୍କ ଠାରୁ ଗୋଟିଏ ଦେଶୀ ପିସ୍ତଲ ଓ ଗୁଳି ପ୍ରାୟ ୬୦ ହଜାର ଟଙ୍କା ଦେଇ କିଣିଥିଲେ । ୪୫ ହଜାର ଟଙ୍କା ନେଇ ସେ ରାଉରକେଲା ଯାଇଥିବାରୁ ପୁଣି ଏଥିପାଇଁ ଫୋନ୍ ପେ ଓ ନଗଦ ଟଙ୍କା ମାଧ୍ୟମରେ ମଧ୍ୟ ଅର୍ଥ ପେଠ କରାଯାଇଥିଲା । ଘଟଣା ଦିନ ସୁଦାମ ନାଗ ମୋଟରସାଇକେଲ ମରାମତି ପାଇଁ ଡୁଙ୍ଗୁରିପାଲି ସ୍ଥିତ ଏକ ଗ୍ୟାରେଜ୍‌କୁ ଯାଇଥିଲେ । କବିତା ଫୋନ୍ କରି ତାଙ୍କ ଅବସ୍ଥିତି ବିଷୟରେ ଯୁବରାଜ ସାହୁଙ୍କୁ ଜଣାଉଥିଲେ । କବିତା ହ୍ୱାଟ୍ସଆପ୍ କଲ୍ ମାଧ୍ୟମରେ ଯୁବରାଜଙ୍କୁ ସୂଚନା ଦେଉଥିବା ବେଳେ ସେ ତ୍ରିଲୋଚନଙ୍କୁ ସୂଚନା ଦେଉଥିଲେ । ଏହି ସୂଚନା ଆଧାରରେ ତ୍ରିଲୋଚନ ପାଙ୍କେଲ ଛକ ନିକଟରେ ସୁଦାମଙ୍କୁ ଅଟକାଇ ପ୍ରଥମେ ୨ ରାଉଣ୍ଡ ଗୁଳି କରିଥିଲେ ତାହା ତାଙ୍କ ଜଂଘ ଓ ପିଠିରେ ବାଜି କିଛି ବାଟ ପରେ ତଳେ ପଡ଼ିଯିବା ପରେ ପାଖରୁ ଆଉ ୨ ରାଉଣ୍ଡ ଗୁଳି ଅତି ନିକଟରୁ ତାଙ୍କ ଛାତି ଓ ମୁଣ୍ଡକୁ ଚଳାଇଥିଲେ । ଘଟଣାସ୍ଥଳରେ ହିଁ ସୁଦାମଙ୍କ ମୃତ୍ୟୁ ହୋଇଥିଲା । ହତ୍ୟା ପରେ ନିଜକୁ ବଞ୍ଚାଇବା ପାଇଁ କବିତା ନାଗ ଥାନାରେ ଅଜଣା ବ୍ୟକ୍ତି ହତ୍ୟା କରିଥିବା ମିଥ୍ୟା ଅଭିଯୋଗ କରିଥିଲେ । ପୋଲିସ ଦେଶୀ ପିସ୍ତଲ, ୪ଟି ଖାଲି ଖୋକା, ୨ଟି ମୋଟରସାଇକେଲ ଓ ୫ଟି ମୋବାଇଲ ଜବତ କରିଛି । ଏନେଇ ଏସ୍‌ପି ଶ୍ରୀ ନାଏକ ତିନି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯିବା ନେଇ ସୂଚନା ଦେଇଛନ୍ତି ।

ବନ୍ୟା ଦାଉରୁ ମୁକ୍ତ ହେବ ବାରିପଦା ସହର

ବାରିପଦା, ନ୍ୟୁଜ୍ ବ୍ୟୁରୋ

ବାରିପଦାବାସୀଙ୍କ ପାଇଁ ବଡ଼ ଖୁସି ଖବର । ବାରିପଦା ସହର ବନ୍ୟା ଦାଉରୁ ମୁକ୍ତ ହେବାକୁ ଯାଉଛି । ବାରିପଦା ସହରର ବୁଢ଼ାବଳଙ୍ଗ ନଦୀ କୂଳରେ ବନ୍ୟା ସୁରକ୍ଷା ବନ୍ଧ ସହ ରିଙ୍ଗ୍ ରୋଡ୍ ନିର୍ମାଣ ହେବାକୁ ଯାଉଛି । ପ୍ରଥମ ପର୍ଯ୍ୟାୟର ୨୭୮.୧୩ କୋଟି ଟଙ୍କାର ପ୍ରକଳ୍ପକୁ ଗ୍ରୀନ୍ ସିଗ୍‌ନାଲ୍ ମିଳିଛି । ବୁଢ଼ାବଳଙ୍ଗ ନଦୀର ବାମ ପାର୍ଶ୍ୱରେ ବନ୍ୟା ସୁରକ୍ଷା ବନ୍ଧ ସହ ରିଙ୍ଗ୍ ରୋଡ୍ ନିର୍ମାଣ ପ୍ରକଳ୍ପକୁ ୨୦୨୬-୨୭ ଆର୍ଥିକ ବର୍ଷର କାପେକ୍ସ ଯୋଜନା ଅଧୀନରେ କାର୍ଯ୍ୟ କରାଯିବ । ବନ୍ୟା ଆସିଲେ ଜଳବନ୍ଦୀ, ଘରଦ୍ୱାର ଓ ସମ୍ପତ୍ତିର କ୍ଷୟକ୍ଷତି ଏବଂ ଜନଜୀବନରେ ସୃଷ୍ଟି ହେଉଥିବା ଅସୁବିଧାରୁ ବାରିପଦାବାସୀଙ୍କୁ ଆଶ୍ୱସ୍ତି ମିଳିବାର ଆଶା ଜାଗ୍ରତ ହୋଇଛି । ବର୍ଷ ବର୍ଷ ଧରି ବନ୍ୟା ସମସ୍ୟାରେ ଜର୍ଜରିତ ବାରିପଦା ସହରକୁ ବନ୍ୟାର ପ୍ରକୋପରୁ ସୁରକ୍ଷା ଦେବା ପାଇଁ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼ା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ପ୍ରଚେଷ୍ଟା ଓ ନିରନ୍ତର ଉଦ୍ୟମରେ ବାରିପଦା ସହରର ବନ୍ୟା ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଉଛି । ବାରିପଦା ସହରରେ ବାରମ୍ବାର ବନ୍ୟା ପରିସ୍ଥିତି ଉପୁଜୁଥିବାରୁ

ରିଙ୍ଗ ରୋଡ୍ ନିର୍ମାଣ ପାଇଁ ମିଳିଲା ଗ୍ରୀନ୍ ସିଗ୍‌ନାଲ୍

ସହରବାସୀଙ୍କ ଧନଜୀବନ ସୁରକ୍ଷା ଏବଂ ବନ୍ୟା ନିୟନ୍ତ୍ରଣ ଉଦ୍ଦେଶ୍ୟରେ ଏହି ପ୍ରକଳ୍ପକୁ ଜରୁରୀ ଭିତ୍ତିରେ ଆଗେଇ ନେବାକୁ ଅନୁମତି ମିଳିଛି । ମୟୂରଭଞ୍ଜ ଜଳସେଚନ ଡିଭିଜନ୍ ଅଧୀନରେ ଏହାର ନିର୍ମାଣ ହେବାକୁ ଯାଉଛି । ଗୁରୁତ୍ୱାଟର ସବାରମଡିରେ ନିର୍ମିତ ରିଙ୍ଗ ରୋଡ଼ ମଡେଲ୍‌ରେ ଉକ୍ତ ନିର୍ମାଣ କାର୍ଯ୍ୟ ହେବ ବୋଲି ସୂଚନା ମିଳିଛି । ସେହିପରି ବୈଷୟିକ ପରାମର୍ଶଦାତା କମିଟିର ସୁପାରିସ୍ ଓ କାର୍ଯ୍ୟ ପରିସର ଅନୁଯାୟୀ ନିର୍ମାଣ କାର୍ଯ୍ୟ କରିବା ସହ ସମସ୍ତ ଆର୍ଥିକ, ଆଇନ୍‌ଗତ ଓ ସରକାରୀ ନିୟମାବଳୀ ପାଳନ କରିବାକୁ କୁହାଯାଇଛି । ଏହି ପ୍ରସ୍ତାବକୁ ନେଇ ଖୁବ୍‌ଶୀଘ୍ର ଟେଣ୍ଡର୍ ଆହ୍ୱାନ୍ କରାଯିବ ବୋଲି ସୂଚନା ମିଳିଛି । ଦୀର୍ଘଦିନ ଧରି ବନ୍ୟା ସମସ୍ୟାର ସମ୍ମୁଖୀନ ହେଉଥିବା ବାରିପଦା ସହର ପାଇଁ ଏହି ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ବନ୍ୟାରୁ ସହରକୁ ସୁରକ୍ଷା ଦେବା ସହ ରିଙ୍ଗ୍ ରୋଡ୍ ନିର୍ମାଣ ଦ୍ୱାରା ଯୋଗାଯୋଗ ବ୍ୟବସ୍ଥାରେ ମଧ୍ୟ ଉନ୍ନତି ଆସିବ ବୋଲି ଆଶା କରାଯାଉଛି । ବାରିପଦାର ବନ୍ୟା ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ଏହି ପଦକ୍ଷେପ ସହରବାସୀଙ୍କ ମନରେ ନୂଆ ଆଶା ସଞ୍ଚାର କରିଛି । ଦୀର୍ଘଦିନର ଦାବିକୁ ଗୁରୁତ୍ୱ ଦେଇ ଏହି ପ୍ରକଳ୍ପ ପାଇଁ ଅର୍ଥ ଅନୁମୋଦନ ହେବା ବାରିପଦାର ଭବିଷ୍ୟତ ନଗର ଉନ୍ନୟନ ଦିଗରେ ଏକ ନୂତନ ଅଧ୍ୟାୟର ଆରମ୍ଭ କରିବ । ଏହି ପଦକ୍ଷେପ ବାରିପଦା ସହରର ବନ୍ୟା ନିୟନ୍ତ୍ରଣ ଓ ଜନସାଧାରଣଙ୍କ ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଆରମ୍ଭ ବୋଲି ଆଶା କରାଯାଉଛି ।

ମାଁ ପଥରସେନୀ ପୀଠର ବିକାଶ ପାଇଁ ୧୪.୯୮ କୋଟି ଟଙ୍କା ମଞ୍ଜୁର

ବରଗଡ଼, ନ୍ୟୁଜ୍ ବ୍ୟୁରୋ

ଭଟଲି ବିଧାନସଭା କ୍ଷେତ୍ର ଅନ୍ତର୍ଗତ ଆମ୍ବାଭୋନା ବ୍ଲକର ପ୍ରସିଦ୍ଧ ଆରାଧ୍ୟା ଦେବୀ ମାଁ ପଥରସେନୀଙ୍କ ପୀଠର ସାମଗ୍ରିକ ବିକାଶ ଓ ଭିତ୍ତିଭୂମିର ଉନ୍ନତିକରଣ ନିମନ୍ତେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ୧୪ କୋଟି ୯୮ ଲକ୍ଷ ୫୦ ହଜାର ଟଙ୍କାର ପ୍ରଶାସନିକ ଅନୁମୋଦନ ମିଳିଛି । ଏହି ଐତିହାସିକ ପଦକ୍ଷେପକୁ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ସ୍ୱାଗତ କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ହୃଦୟରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି । ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ଅଧୀନରେ ପୀଠରେ ପେଭର ପାଥୱେ ଓ ଲ୍ୟାଣ୍ଡସ୍କେପ୍ ନିର୍ମାଣ, ପାଚେରୀ, ଗେଟ୍ କମ୍ପ୍ଲେକ୍ସ, ମନ୍ଦିର ପରିସରର ଉନ୍ନତିକରଣ, ପୂଜା ସାମଗ୍ରୀ ଦୋକାନ, ଶୌଚାଳୟ, ଖାଦ୍ୟ ଦୋକାନ, ଘାଟର ଉନ୍ନତିକରଣ, ଗେଜେବୋ, ବସିବା ସ୍ଥାନ, ଜେଟି ନିର୍ମାଣ ସହ ବିଦ୍ୟୁତୀକରଣ ଓ ଆଲୋକୀକରଣ ଭଳି ଅନେକ ଉନ୍ନୟନମୂଳକ କାର୍ଯ୍ୟ କରାଯିବ । ଏହି ପ୍ରକଳ୍ପ ମାଁ ପଥରସେନୀ ପୀଠର ଧାର୍ମିକ ମହତ୍ତ୍ୱକୁ ଆହୁରି ବୃଦ୍ଧି କରିବା ସହ ପର୍ଯ୍ୟଟନ ଭିତ୍ତିଭୂମିକୁ ନୂତନ ରୂପ ପ୍ରଦାନ କରିବ । ଏହାଦ୍ୱାରା ଆମ୍ବାଭୋନା ଅଞ୍ଚଳରେ ପର୍ଯ୍ୟଟନର ପ୍ରସାର, ସ୍ଥାନୀୟ ଯୁବକଯୁବତୀଙ୍କ ପାଇଁ ରୋଜଗାରର ସୁଯୋଗ ଏବଂ ଆଞ୍ଚଳିକ ଅର୍ଥନୈତିକ ବିକାଶର ନୂତନ ଦ୍ୱାର ଉନ୍ମୁକ୍ତ ହେବାର ଆଶା ରହିଛି । ଏହି ଅବସରରେ ବିଧାୟକ ଇରାଶିଷ ଆଚାର୍ଯ୍ୟ କହିଛନ୍ତି ଯେ, ମାଁ ପଥରସେନୀ କେବଳ ଆମ୍ବାଭୋନା ଅଞ୍ଚଳର ନୁହେଁ, ବରଂ ସମଗ୍ର ପଶ୍ଚିମ ଓଡ଼ିଶାର ଏକ ଅନନ୍ୟ ଧାର୍ମିକ ଓ ସାଂସ୍କୃତିକ ଆସ୍ଥାର ପ୍ରତୀକ । ଏହି ପୀଠର ସାମଗ୍ରିକ ବିକାଶ ଦ୍ୱାରା ଆମ ଅଞ୍ଚଳର ଐତିହ୍ୟ, ପରମ୍ପରା ଓ ଆଧ୍ୟାତ୍ମିକ ପରିଚୟ ଆହୁରି ସମୃଦ୍ଧ ହେବ । ରାଜ୍ୟ ସରକାରଙ୍କ ଏହି ଅନୁଦାନ ଭଟଲି ନିର୍ବାଚନ ମଣ୍ଡଳୀର ବିକାଶ ଯାତ୍ରାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ଏହି ଜନହିତକର ଓ ଦୂରଦର୍ଶୀ ପଦକ୍ଷେପ ପାଇଁ ବିଧାୟକ ଶ୍ରୀ ଆଚାର୍ଯ୍ୟ ପୁନର୍ବାର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ନିକଟରେ ଆନ୍ତରିକ କୃତଜ୍ଞତା ଜଣାଇବା ସହ ପ୍ରକଳ୍ପର କାର୍ଯ୍ୟ ଶୀଘ୍ର ଆରମ୍ଭ ହୋଇ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସଫଳତାର ସହ ସମ୍ପୂର୍ଣ୍ଣ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି ।

ରାୟଗଡ଼ା ରେଳମଣ୍ଡଳର ଦନ୍ତେଶ୍ୱାଡ଼ା-କୋରାପୁଟ ରେଳ ସେକ୍ସନ ନିରୀକ୍ଷଣ କଲେ ଡିଆରଏମ୍

ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ



ପୂର୍ବତଟ ରେଳପଥ ରାୟଗଡ଼ା ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ (ଡିଆରଏମ୍) ଅମିତାଭ ସିଂହଲ ୨୦ ନଭେମ୍ବର ୨୦୨୬ ତାରିଖରେ ଦନ୍ତେଶ୍ୱାଡ଼ା-କୋରାପୁଟ ରେଳ ସେକ୍ସନ୍‌ର ବ୍ୟାପକ ନିରୀକ୍ଷଣ କରି ରେଳ ସୁରକ୍ଷା, ପରିଚାଳନାଗତ ଦକ୍ଷତା, ଷ୍ଟେସନ୍ ଭିତ୍ତିଭୂମି, ଯାତ୍ରୀ ସୁବିଧା, କର୍ମଚାରୀ କଲ୍ୟାଣ ତଥା ବିଭିନ୍ନ ଚାଲୁ ରହିଥିବା ଓ ପ୍ରସ୍ତାବିତ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ । ଦନ୍ତେଶ୍ୱାଡ଼ା ରେଳ ଷ୍ଟେସନ୍ ପରିଦର୍ଶନ ସମୟରେ ଡିଆରଏମ୍ ଷ୍ଟେସନ୍‌ର ବିଭିନ୍ନ ସୁବିଧା ଓ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ । ଏହି ଅବସରରେ ଷ୍ଟେସନ୍ ୱାର୍କିଂ ରୁଲ୍ସ (SWR) ଏବଂ ଭିଜୁଆଲ୍ ଡିସପ୍ଲେ ୟୁନିଟ୍ (VDU) ଯାଞ୍ଚ କରିବା ସହ ରେଳ ସେକ୍ସନ୍‌ର ବିଭିନ୍ନ ସୁରକ୍ଷା ସମ୍ବନ୍ଧୀୟ ବିଷୟଗୁଡ଼ିକର ସମୀକ୍ଷା କରିଥିଲେ । ବିଭିନ୍ନ ସ୍ଥାନରେ ଚାଲୁଥିବା ଲିମିଟେଡ୍ ହାଇଟ୍ ସବ୍‌ୱେ ଅଥବା ରେଳମାର୍ଗ ତଳେ ଦେଇ ଯାଉଥିବା ଉପମାର୍ଗ (LHS) ନିର୍ମାଣ କାର୍ଯ୍ୟର ଅଗ୍ରଗତି ଓ ଧାର୍ଯ୍ୟ ସମୟସୀମା ମଧ୍ୟରେ ଏହାର ସମାପ୍ତି ଉପରେ ସେ ଗୁରୁତ୍ୱ ଦେଇଥିଲେ । ଏଥିସହ ଅମୃତ ଭାରତ ଷ୍ଟେସନ୍ ଯୋଜନା (ABSS) ଅନ୍ତର୍ଗତ ଷ୍ଟେସନ୍‌ର ପୁନର୍ବିକାଶ କାର୍ଯ୍ୟର ସ୍ଥିତି ମଧ୍ୟ ସମୀକ୍ଷା କରିଥିଲେ । ବୋଡ଼ିଆରପୁର ଠାରେ ନୂତନ ଷ୍ଟେସନ୍ ଭବନ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଡିଆରଏମ୍ ଅନୁଧ୍ୟାନ କରିଥିଲେ । ଏହାପରେ ଟୋକାପାଲ ରେଳବାଇ କଲୋନୀ ପରିଦର୍ଶନ କରି କର୍ମଚାରୀଙ୍କ ଆବାସିକ ସୁବିଧା ଓ ଭିତ୍ତିଭୂମି ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ସମୀକ୍ଷା କରିଥିଲେ । ଏହି ସମୟରେ ସେ ରେଳ କର୍ମଚାରୀଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସମସ୍ୟାର ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନିର୍ମାଣ ସଂଗଠନର ଅଧିକାରୀମାନେ ଏହି ପରିଦର୍ଶନ ସମୟରେ ଡିଆରଏମ୍‌ଙ୍କ ସହ ଉପସ୍ଥିତ ରହି ବିଭିନ୍ନ ପ୍ରକଳ୍ପର ଅଗ୍ରଗତି, ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ହାସଲ ହୋଇଥିବା ସଫଳତା ଏବଂ ଚାଲୁଥିବା କାର୍ଯ୍ୟର ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ । ସମସ୍ତ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟରେ ସମାପ୍ତ କରିବା ସହ ରେଳ ସୁରକ୍ଷା ମାନଦଣ୍ଡ ଓ ନିର୍ଦ୍ଧାରିତ ଗୁଣବତ୍ତା ବଜାୟ ରଖିବାକୁ ଡିଆରଏମ୍ ଗୁରୁତ୍ୱାରୋପ କରିଥିଲେ ।

ବିରୁପାକ୍ଷ ହତ୍ୟା ଘଟଣାରେ ଆଉ ଜଣେ ଗିରଫ



ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧର ଯୁବ ବ୍ୟବସାୟୀ ବିରୁପାକ୍ଷ ଅଗ୍ରୱାଲ ଅପହରଣ ଓ ହତ୍ୟା ମାମଲାରେ ବୌଦ୍ଧ ପୋଲିସ ୩ ଦିନ ତଳେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଗୁରୁବାର ମୁଖ୍ୟ ଆସାମୀଙ୍କ ସହଯୋଗୀ ଦିଗନ୍ତ ପ୍ରଧାନକୁ ଗିରଫ କରିଛି । ଦିଗନ୍ତ ହେଉଛି ବୌଦ୍ଧର ଜଣେ ନିଲମ୍ବିତ ହାବିଲଦାର ଆଉ ପୂର୍ବରୁ ତାଙ୍କ ନାମରେ କିଆକଟା ଅଞ୍ଚଳରେ ଲୁଟ୍ ପାଟ୍ ଓ ମାରପିଟ୍ ମାମଲା ରହିଛି । ବିରୁପାକ୍ଷ ଅପହରଣ ଓ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ସ୍ୱାଧୀନ କୁମାର ପ୍ରଧାନଙ୍କୁ ନେବା ଆଣିବାରେ ଦିଗନ୍ତ ସହଯୋଗ କରିଥିଲା ବୋଲି ଜଣାପଡିଛି । ବୌଦ୍ଧ ପୋଲିସ ଉକ୍ତ ହତ୍ୟାକାଣ୍ଡ ମାମଲାରେ ତଦନ୍ତ ଜାରି ରଖି ଗୋଟିଏ ପରେ ଗୋଟିଏ ପାଦ ଆଗକୁ ବଢି ଚାଲିଛି । ଫେରାର୍ ଥିବା ମୁଖ୍ୟ ଅଭିଯୁକ୍ତ ସ୍ୱାଧୀନ ପ୍ରଧାନକୁ ଧରିବା ପାଇଁ ପୋଲିସ ଚାରିଆଡେ ଜାଲ ବିଛାଇଥିବା ବେଳେ ଖୁବ୍‌ଶୀଘ୍ର ଧରାପଡିବ ବୋଲି ଆଶା କରାଯାଉଛି ।

କାଳୀପୂଜା ମେଳଣ ଉତ୍ସବ ସହରର ଭାଇଚାରାକୁ କରୁଛି ସୁଦୃଢ଼

ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ



ବ୍ୟାସନଗର ବା ଯାଜପୁର ରୋଡ ସହରର ଗଣପର୍ବ କାଳୀପୂଜା ମହାଡ଼ମ୍ବରରେ ଉଦ୍‌ଯାପତ ହୋଇଯାଇଛି । ନଭେମ୍ବର ୮ ତାରିଖରୁ ଆରମ୍ଭ ହୋଇ ଚାଲିଥିବା ଏହି ଗଣପର୍ବର ୧୮ ତାରିଖ ଥିଲା ମେଳଣ ଓ ଭଷାଣି ଉତ୍ସବ । ବିଭିନ୍ନ ପାରମ୍ପରିକ ନୃତ୍ୟ ବାଦ୍ୟ, ଘଣ୍ଟଘଣ୍ଟା, ରୋଷଣୀ ଓ ବାଜା ବାଣରେ ମା'ଙ୍କୁ ସହରବାସୀ ବିଦାୟ ଦେଇଛନ୍ତି । ସମଗ୍ର ଯାଜପୁର ତଥା ପଡୋଶୀ କେନ୍ଦୁଝର, ଢେଙ୍କାନାଳ ଏବଂ ଭଦ୍ରକ ପ୍ରଭୃତି ଜିଲ୍ଲାରୁ ୫ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ଜନସମାଗମ ହୋଇଥିଲା । ସମଗ୍ର ସହରରେ ଜନସମୁଦ୍ରରେ ପରିଣତ ହୋଇଥିଲା । ଏପରିକି ପାଦ ପକାଇବାକୁ ଜାଗା ନଥିଲା । ଯାଜପୁର ଜିଲ୍ଲା ତଥା ରାଜ୍ୟରେ ଚହଳ ସୃଷ୍ଟି କରିଥିବା ବ୍ୟାସନଗର ସହରର ଗଣପର୍ବ କାଳୀପୂଜା ମେଳଣ ଉତ୍ସବ ଆନନ୍ଦ ଉଲ୍ଲାସର ସହ ଧୂମ୍‌ଧାମ୍‌ରେ ସମାପନ ହୋଇଛି । ଗୋପବନ୍ଧୁ ଛକ ଠାରେ ପ୍ରଥମେ ଚୋରଦା କାଳୀମେଢକୁ ମେଳଣ ପଡିଆ ଅଭିମୁଖେ ବିଦାୟ ଦେଇଥିଲେ । ଚଳିତ ବର୍ଷ ମେଳଣ ଉତ୍ସବ ୨୯ ବର୍ଷରେ ପଦାର୍ପଣ କରିଛି । ଏହି ଉପଲକ୍ଷେ ଚଣ୍ଡିକୁବ ଆନୁକୂଲ୍ୟରେ ଚୋରଦା କାଳୀ ମେଳଣ ପଡିଆରେ ଅନୁଷ୍ଠିତ ୨୯ତମ ମେଳଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ପ୍ରଦୀପ ବଳସାମନ୍ତ କହିଲେ କି ଏହି ମେଳଣ ଉତ୍ସବ ଆମ ସଂସ୍କୃତିକୁ ବଞ୍ଚାଇରଖିବା ସହ ଭାଇଚାରାକୁ ସୁଦୃଢ କରିବାରେ ସହାୟକ ହୋଇଥାଏ । ଏଣୁ ଏହା କେବଳ ବର୍ଷ, ମାସ ନୁହେଁ ଶତାବ୍ଦୀ ଶତାବ୍ଦୀ ଧରି ଚାଲିଥାଉ । ମୁଖ୍ୟ ବକ୍ତା ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ ଯୋଗଦେଇ ସମସ୍ତ ପୂଜା କମିଟି, ଆୟୋଜକ କମି

ସମ୍ପାଦକୀୟ

32 YEARS
ସମ୍ବାଦ କଲିକା

ଦିଲ୍ଲୀରେ ପ୍ରଦୂଷଣ ସ୍ଥିତି ସାଂଘାତିକ

ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣ ସ୍ଥିତି ଅତି ଖରାପ ହୋଇପଡ଼ିଛି । ରବିବାର ସକାଳେ ଘନ ଧୂଆଁଳିଆ ଆବରଣରେ ସହରର ଅନେକ ଅଞ୍ଚଳ ଢାଙ୍କି ହୋଇ ରହିଥିବାବେଳେ ହାରାହାରି ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ୩୫୦ରେ ପହଞ୍ଚିଛି । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ର ତଥ୍ୟ ଅନୁଯାୟୀ ଏହା ୩୫୨ ରହିଛି । ସହରର ମୋଟ ୫୪ଟି ବାୟୁ ମାନ ଯାଞ୍ଚ କେନ୍ଦ୍ର ମଧ୍ୟରୁ ୪୭ଟି ପ୍ରଦୂଷଣ ସ୍ଥିତି 'ଅତି ଖରାପ' ଏବଂ ୭ଟି 'ଗମ୍ଭୀର' ଶ୍ରେଣୀରେ ରହିଛି । ସମୀର ଆପ୍‌ର ତଥ୍ୟ ଅନୁଯାୟୀ, ଆଇଆଇଟି ଦିଲ୍ଲୀ ଅଞ୍ଚଳରେ ସର୍ବାଧିକ ଏକ୍ୟୁଆଇ ୪୨୮ ରେକର୍ଡ ହୋଇଛି । ଏହା ପଛକୁ ଆଇଟିଓରେ ୪୧୪ ରହିଛି । ତେବେ ସିପିସିବିର ତଥ୍ୟରେ ଏହି ଦୁଇ ସ୍ଥାନର ଏକ୍ୟୁଆଇ ଯଥାକ୍ରମେ ୪୨୫ ଓ ୪୧୫ ରହିଛି । କମାନଓ୍ୱେଲଥ ସ୍ପୋର୍ଟସ କମ୍ପ୍ଲେକ୍ସରେ ୪୦୩, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ନର୍ଥ କ୍ୟାମ୍ପସ୍ ଓ ପୁସାରେ ୪୦୨ ଲେଖାଏଁ ଏବଂ ବୁରାରି କ୍ରସିଂରେ ୪୦୦ ରେକର୍ଡ ହୋଇଛି । ଅନ୍ୟ ଅଞ୍ଚଳ ମଧ୍ୟରେ ପଞ୍ଜାବୀ ବାଗ୍‌ରେ ଏକ୍ୟୁଆଇ ୩୮୬, ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ ଅଞ୍ଚଳରେ ୩୮୩ ଏବଂ ଅକ୍ଷରଧାମରେ ୩୬୫ ରହିଛି । ତୁଳନାତ୍ମକ ଭାବେ ନଜଫଗଡ଼ରେ ୨୯୮, ଆଇଜିଏନ୍‌ଓୟୁ-ମୈଦାନଗଢ଼ିରେ ୨୭୮ ଓ ଲୋଧି ରୋଡ୍‌ରେ ୨୮୦ ରହିଥିବାବେଳେ କ୍ୟାଣ୍ଟନମେଣ୍ଟ ଅଞ୍ଚଳରେ ଏହା ୧୬୫ ରେକର୍ଡ ହୋଇଛି । ବାୟୁରେ ଥିବା ଅତି ସୂକ୍ଷ୍ମ ଧୂଳିକଣା ପିଏମ୍ ୨.୫ ଓ ପିଏମ୍ ୧୦ ଏବେ ଦିଲ୍ଲୀର ପ୍ରମୁଖ ପ୍ରଦୂଷକ । ପିଏମ୍ ୨.୫ ଫୁସ୍‌ଫୁସ୍‌ର ଗଭୀର ଅଂଶକୁ ପ୍ରବେଶ କରିପାରୁଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ବିଶେଷ କ୍ଷତିକାରକ । ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ବାୟୁ ଗୁଣବତ୍ତା ପରିଚାଳନା କମିସନ୍ (ସିଏକ୍ୟୁଏମ୍) ନଭେମ୍ବର ୬ରୁ ଦିଲ୍ଲୀ-ଏନ୍‌ସିଆରରେ ଗ୍ରେଡେଡ୍ ରେସ୍‌ପନ୍ସ ଆକ୍ସନ୍ ପ୍ଲାନ୍ (ଗ୍ରାପ୍)ର ତୃତୀୟ ପର୍ଯ୍ୟାୟ ଲାଗୁ କରିଛି । ଏହି ପର୍ଯ୍ୟାୟରେ ନିର୍ମାଣ କାର୍ଯ୍ୟ ଓ ଧୂଳି ସୃଷ୍ଟି କରୁଥିବା କାର୍ଯ୍ୟକଳାପ ଉପରେ କଟକଣା ସହ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପ କଡ଼ାକଡ଼ି କରାଯାଇଛି । ଅନ୍ୟପକ୍ଷରେ 'ଜର୍ଣ୍ଣାଲ ଅଫ୍ ଭସ୍କୁଲାର ଡିଜିଜେସ୍'ରେ ପ୍ରକାଶିତ ଏକ ଅଧ୍ୟୟନରେ ଦୀର୍ଘଦିନ ଧରି ସୂକ୍ଷ୍ମ ଧୂଳିକଣାଯୁକ୍ତ ବାୟୁରେ ରହିବା ଦ୍ୱାରା ଟାଇପ୍-୨ ମଧୁମେହ ହେବାର ଆଶଙ୍କା ୧୦ରୁ ୧୬ ପ୍ରତିଶତ ବଢ଼ିପାରେ ବୋଲି ଦର୍ଶାଯାଇଛି । ବିଶ୍ୱର ୨୦ କୋଟିରୁ ଅଧିକ ଅଂଶଗ୍ରହଣକାରୀଙ୍କ ତଥ୍ୟକୁ ଆଧାର କରି ଏହି ଅଧ୍ୟୟନ କରାଯାଇଛି ।



ନିଶାପ

(ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ଶକ୍ତି ଓ ଭକ୍ତି

ଶ୍ରଦ୍ଧେୟ ଭକ୍ତବୃନ୍ଦ ଗୋଟିଏ ସରଳ ରେଖା ଶକ୍ତି ଓ ଭକ୍ତି । କିନ୍ତୁ ଦ୍ରୌପଦୀ ଶକ୍ତିର ସଞ୍ଚାର କରିଥିଲା ତାର କଣ ହେଲା କଣ ସେ ତାର ନିଜ ଶକ୍ତି ଦ୍ୱାରା ବିଜୟ ହାସଲ କରିପାରିଲା ନା ସେ ସେହିଠାରେ ହାରମାନି ପୂର୍ଣ୍ଣ ସମର୍ପଣ ହୋଇ ଦୁଇ ହାତକୁ ଉପରକୁ ଟେକି ଦେଲେ । ମିଳିଗଲା ସବୁ କିଛି ଯୁଗ ଯୁଗ ପାଇଁ ମିଳିଗଲା । ଏହାର ତାତ୍ପର୍ଯ୍ୟ ଶକ୍ତି ଯେଉଁଠି ପରାଜୟ ହୁଏ ଭକ୍ତିର ସେଇଠି ବିଜୟପ୍ରାପ୍ତ ହୁଏ । ତେଣୁ ହେ ଭକ୍ତ ଅଂହକାର ମୁକ୍ତ ହୁଅ । ତୁମେ ସିନା ଦ୍ରୁବ ହେଲେ ଦାରୁର ଦର୍ଶନ ପାଇବା ଆଉ ନିଜକୁ ନିଜେ ଯଦି ତୁମ ଭଳି ବ୍ୟବହାର କରିବ ହାତୀର ବା କଣ ହେବ । ଶୁଣ୍ଡ ଟେକି ସେ ଜାଳସବୁ ଭାଙ୍ଗି ଖାଇଯିବ । ତେଣୁ ହେ ମାନବ, ହେ ଭକ୍ତ ହେ ଶିଷ୍ୟ ବେଦ, ପୁରାଣ, ଗୀତା ଏସବୁ ମିଥ୍ୟାନୁହେଁ । ଏହାହିଁ ସତ୍ୟ, ଯୁଗ ଯୁଗ ଧରି ଯେଉଁ ନିର୍ଯ୍ୟାସ ସାଧୁ ସନ୍ଥମାନେ ତୁମ ପାଇଁ ଥୋଇ ଦେଇ ଯାଇଛନ୍ତି । ସେହିଁ ଅମୃତର ସନ୍ତାନ ମାନେ ଅମୃତକୁ ଆଧାର କର । ସମୟକୁ ନଷ୍ଟ ନକରି ଭକ୍ତି ପ୍ରେମ ମାର୍ଗରେ ନିଜକୁ ସଜାଇ ଦେଖିବ କେତେ ଆନନ୍ଦ ତୁମେ ତୁମରି ଭିତରୁ ପାଉଛ କେବଳ ତୁମେ ହିଁ ଅନୁଭବ କରିପାରିବ । ହରିଓଁ ।



ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର,
ମୋ-୮୮୫୫୧୯୦୪୭୫

କାର୍ତ୍ତିକ ମାସର ମୁରୁଜ- ଓଡ଼ିଆ ଅସ୍ମିତାର ସୌନ୍ଦର୍ଯ୍ୟ

ହିନ୍ଦୁ ଧାର୍ମିକ ବ୍ୟବସ୍ଥା ମଧ୍ୟରେ ମୁରୁଜର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଏହା ଅସ୍ୱୀକାର କରାଯାଇପାରିବନାହିଁ । ଯାଗ, ଯଜ୍ଞ, ହୋମ, ବ୍ରତୋପୟନ, ବିବାହ, ଶ୍ରାଦ୍ଧ ପ୍ରଭୃତି ମାଙ୍ଗଳିକ କାର୍ଯ୍ୟରେ ମୁରୁଜର ବହୁଳ ବ୍ୟବହାର ଦେଖିବାକୁ ମିଳିଥାଏ । ଘର, ଅଗଣା, ଦାଣ୍ଡଦ୍ୱାର, ତୁଳସୀ ଚଉରା ମୂଳେ ଓ ଅଗଣା ପ୍ରଭୃତିରେ ବିଶେଷ ଧାର୍ମିକ କାର୍ଯ୍ୟକ୍ରମ ମାନଙ୍କରେ ମୁରୁଜ ପକାଇବାର ପରମ୍ପରା ବହୁ ପ୍ରାଚୀନ ସମୟରୁ ପ୍ରଚଳିତ ହୋଇ ଆସୁଅଛି । ବିଶେଷକରି ପୁଣ୍ୟମାସ ମହାକାର୍ତ୍ତିକରେ ବୃନ୍ଦାବତୀ ଚଉରାମୂଳରେ ଏକମାସ ବ୍ୟାପି ହବିଷ୍ୟାଳିମାନେ ଅତି ଚିତ୍ତାକର୍ଷକ ଶୈଳି ଓ ଭଙ୍ଗିରେ ମୁରୁଜ ପକାଇଥାନ୍ତି । ଏଥିରେ ରହିଛି ଆସ୍ଥା, ବିଶ୍ୱାସ ଓ ଧାର୍ମିକ ଅନୁଶୀଳନର ଏକ ସୁନ୍ଦର ସମନ୍ୱୟ । ବିଶ୍ୱାସ ଅଛି ମୁରୁଜ ପକାଇବା ଦ୍ୱାରା ଘର ସୁନ୍ଦର ଦେଖାଯିବା ସହିତ ନକରାତ୍ମକ ଦୁଷ୍ଟ ଶକ୍ତି ମାନଙ୍କର ପ୍ରାର୍ଦୁଭାବ ହ୍ରାସ ପାଇଥାଏ । ଏହା ସହିତ କାର୍ତ୍ତିକ ମାସରେ ଚଉରାମୂଳରେ ମୁରୁଜ ପକାଇବା ଦ୍ୱାରା ଲକ୍ଷ୍ମୀ ଓ ବିଷ୍ଣୁଙ୍କର ଆଶୀର୍ବାଦ ମିଳିଥାଏ ବୋଲି ଧାର୍ମିକ ବିଶ୍ୱାସ ରହିଛି । ଘରେ ସୁଖ, ଶାନ୍ତି, ସୌଭାଗ୍ୟ ପ୍ରାପ୍ତି ନିମନ୍ତେ କେହି-କେହି ଗୃହସ୍ଥ କାର୍ତ୍ତିକ ମାସରେ ପ୍ରତିଦିନ ଘର, ଅଗଣା, ଦ୍ୱାର, ଇଷାଣ କୋଣ ଓ ତୁଳସୀଚଉରା ମୂଳରେ ମୁରୁଜ ପକାଇଥାନ୍ତି । ବାସ୍ତୁଶାସ୍ତ୍ର କୁହେ ମୁରୁଜ ପକାଇବା ଦ୍ୱାରା ଦୁଃଖ, କଷ୍ଟ ଦୂର ହେବା ସହିତ ମା' ଲକ୍ଷ୍ମୀ ଠାକୁରାଣୀଙ୍କର ସୁଦୟା ମିଳେ । ହିନ୍ଦୁ ଧର୍ମଶାସ୍ତ୍ର ଅନୁଯାୟୀ ମୁରୁଜ ମହାଲକ୍ଷ୍ମୀଙ୍କର ଅତି ପ୍ରିୟ । କାର୍ତ୍ତିକ ମାସର ଅତ୍ୟନ୍ତ ପବିତ୍ର ଦିନ ଦୀପାବଳୀରେ ବିଶେଷ ଆକର୍ଷଣ ଅଟେ ମୁରୁଜ । ଝିଅ ଓ ବୋହୂମାନେ ପ୍ରତ୍ୟୁଷରୁ ସ୍ନାନାଦି ନିତ୍ୟକର୍ମ ସାରି ଅତ୍ୟନ୍ତ ନିଷ୍ଠାର ସହିତ ଘର, ଅଗଣା ଓ ଚଉରା ମୂଳରେ ମୁରୁଜ ପକାଇଥାନ୍ତି । ମୁରୁଜ ଶୁଭ ଲକ୍ଷଣ ଓ ପବିତ୍ରତାର ପ୍ରତୀକ। ସାତ୍ତ୍ୱିକ ଭାବର ପରିପ୍ରକାଶରେ ମୁରୁଜର ବିଶେଷ ଭୂମିକା ଥାଏ ପରିବାର ଓ ସମାଜ ମଧ୍ୟରେ । ମୁରୁଜ ଦେଖି ମହାଲକ୍ଷ୍ମୀ ଗୃହ ପ୍ରବେଶ କରିଥାନ୍ତି ବୋଲି ହିନ୍ଦୁ ଧାର୍ମିକ ବିଶ୍ୱାସରେ ବହୁଦିନର ପ୍ରଚଳିତ ଅଛି ଏହି କଥା । ମୁରୁଜ ଘରେ ପକାଇବା ଅତ୍ୟନ୍ତ ଶୁଭ ପ୍ରଦ । ମୁରୁଜ ପକାଇବା ଏକ ବିଶେଷ କଳା । ମୁରୁଜ ପକାଉଥିବା ଝିଅ ଓ ବୋହୂ ମାନଙ୍କ ମନରେ ସକାରାତ୍ମକ ପ୍ରଭାବ ପକାଇ ଥାଏ । ମୁରୁଜ ପକାଇବା ନିମନ୍ତେ ଧ୍ୟାନ ଓ ଏକାଗ୍ରତା ସହିତ କାର୍ଯ୍ୟ କରିବାକୁ ପଡିଥାଏ । ମୁରୁଜ ପକାଇବା ଦ୍ୱାରା ମନରେ ଶାନ୍ତି ମିଳିବା ସହିତ ଏକ ରଚନାତ୍ମକ ଭାବନା ସୃଷ୍ଟି କରିଥାଏ । ପରିବାର ଓ ସମାଜ ପ୍ରତି ମୁରୁଜ କଳା ଏକ ସୁନ୍ଦର ବାର୍ତ୍ତା ଦେଇଥାଏ । ପବିତ୍ର କାର୍ତ୍ତିକ ମାସରେ ଭଗବାନ ବିଷ୍ଣୁଙ୍କ ସହିତ ମାତା ତୁଳସୀଙ୍କର ପୂଜା କରିବାର ବିଧି ରହିଛି । କାର୍ତ୍ତିକ ମାସରେ ହବିଷ୍ୟାଳିମାନେ ଚଉରାମୂଳେ ରାଧାକୃଷ୍ଣଙ୍କର ଯୁଗଳ ମୂର୍ତ୍ତୀ ଆଙ୍କିବା ସହିତ ରାଇ ଦାମୋଦରଙ୍କର ପୂଜା କରିଥାନ୍ତି । କାର୍ତ୍ତିକ ମାସରେ ତୁଳସୀ ପୂଜା ସହିତ ମୁରୁଜପକା ଯୋଡି ହୋଇ ରହିଛି । ତୁଳସୀ ଚଉରା ମୂଳରେ ମୁରୁଜ ପକାଇବା, ଓଡିଆଣି ମାନଙ୍କର ହାତରେ ନିଖୁଣ କଳାକୃତି ବା ହସ୍ତକଳାର ନିଦର୍ଶନ ଅଟେ ମୁରୁଜ । ଓଡିଆ ସାଂସ୍କୃତିକ ବିଭବର ପରିଚୟ ଦିଏ ମୁରୁଜ । ମୁରୁଜ କଳାକୃତିର ପରମ୍ପରାରେ ପରିବର୍ତ୍ତନ ହୋଇଛି । କେବଳ ପ୍ରସ୍ତୁତ ଓ ବ୍ୟବହାର ପଦ୍ଧତିରେ ନୂତନତା ଆସିଛି । ବହୁ ପରିଶ୍ରମ ଓ ଉଦ୍ୟମ କରି ଓଡିଆଣିମାନେ ଚତୁର୍ଦ୍ଧାମୂର୍ତ୍ତି, ଶଙ୍ଖ, ଚକ୍ର, ଗଦା, ପଦ୍ମ, ଶୁଆ-ଶାରୀ, କପୋତ-କପୋତୀ, ବଗ-ବଗୁଲି, ଜୟ-ବିଜୟ, ଅଁଳା ଗଛ, ଆକାଶ ଦୀପ ଇତ୍ୟାଦି ମୁରୁଜରେ ଅଙ୍କନ କରିଥାନ୍ତି । ମୁରୁଜରେ କୁଣ୍ଡଳି, ଚକ୍ରକ୍ଷେତ୍ର, ପଦ୍ମକ୍ଷତ୍ର, ଷଡ କ୍ଷେତ୍ର ଇତ୍ୟାଦି ଆକୃତି ଗୁଡିକୁ ଅଙ୍କାଯାଇ ଦେବ ଦେବୀମାନଙ୍କୁ ପୂଜା କରାଯାଏ । ଏଥିପାଇଁ ଓଡିଆଣିମାନଙ୍କୁ ଘଣ୍ଟା ଘଣ୍ଟା ପରିଶ୍ରମ କରିବାକୁ ପଡେ । କିନ୍ତୁ ଏବେ ଛାଞ୍ଚ, ଷ୍ଟିକର ଯୋଗୁଁ ଏହା ଖୁବ୍ କମ୍ ସମୟରେ ପ୍ରସ୍ତୁତି କରାଯାଇପାରୁଛି । ଅରୁଆ ଚାଉଳ ଗୁଣ୍ଡକୁ ମୁରୁଜ ଭାବେ ବ୍ୟବହାର କରାଯାଏ । ଏହାକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ଏଥିରେ ବିଭିନ୍ନ ପ୍ରକାରର ରଙ୍ଗ ପ୍ରୟୋଗ କରାଯାଏ । ପୂର୍ବେ ଗଛର ଫୁଲ, ପତ୍ର, ପାଖୁଡା, ଛେଲି, ବକଳ, ଆଦିକୁ ଗୁଣ୍ଡକରି ବିଭିନ୍ନ ରଙ୍ଗ ପ୍ରସ୍ତୁତ କରାଯାଏ । ଏବେ ଏକ ପ୍ରକାର ପଥର ଗୁଣ୍ଡକୁ ମୁରୁଜରେ ବ୍ୟବହାର କରାଯାଉଅଛି । ଧଳାରଙ୍ଗ ପାଇଁ ଚାଉଳଗୁଣ୍ଡ ମାଟିଆ ରଙ୍ଗ ପାଇଁ ଗଛର ବକଳ, କଳାରଙ୍ଗ ପାଇଁ ନଡିଆ ଶଢେଇ, ଘଷି କିମ୍ବା କାଠ ଅଙ୍ଗାରକୁ ବ୍ୟବହାର କରାଯାଉଥିଲା । ବିଭିନ୍ନ ରଙ୍ଗ ଯଥା-ଧଳା, କଳା, ହଳଦି, ନାଲି ଓ ସବୁଜ ରଙ୍ଗକୁ ପଞ୍ଚରଙ୍ଗ ବା ପଞ୍ଚମୁରୁଜ କୁହାଯାଏ । ମୁରୁଜ ସମ୍ପର୍କରେ ଏକ ସୁନ୍ଦର ପ୍ରଚଳିତ କିମ୍ବଦନ୍ତି ରହିଛି । କଥାବସ୍ତୁ ଅନୁଯାୟୀ ଚିତ୍ର ଲକ୍ଷଣ ନାମରେ ବହୁବର୍ଷ ପୂର୍ବେ ଜଣେ ରାଜା ଥିଲେ । ସେ ଜଣେ ସୁନାମଧନ୍ୟ ଚିତ୍ରକର ଥିଲେ । ରାଜାଙ୍କ ଦରବାରର ଚିତ୍ରକର ପଣ୍ଡିତଙ୍କର ପୁତ୍ରର ଅକାଳ ବିୟୋଗ ଘଟିଲା । ପୁତ୍ରର ଜୀବଦାନ ନିମନ୍ତେ ସମସ୍ତ ପ୍ରଜା ବ୍ରହ୍ମାଙ୍କୁ ପ୍ରାର୍ଥନା କଲେ । ବ୍ରହ୍ମା ସନ୍ତୋଷ ପ୍ରକାଶ କରି ପଣ୍ଡିତଙ୍କ ମୃତ ପୁତ୍ରର ଚିତ୍ର ମୁରୁଜରେ ଆଙ୍କିବା ନିମନ୍ତେ ରାଜାଙ୍କୁ ନିର୍ଦ୍ଦେଶ ଦେଲେ । ବ୍ରହ୍ମାଙ୍କ ଆଦେଶରେ ରାଜା ଚିତ୍ର ଲକ୍ଷଣ ପଣ୍ଡିତଙ୍କ ମୃତ ପୁତ୍ରର ଚିତ୍ର ମୁରୁଜରେ ଅଙ୍କନ କଲାପରେ ସୃଷ୍ଟିକର୍ତ୍ତା ତାଙ୍କୁ ଜୀବଦାନ ପ୍ରଦାନ କଲେ । ତେଣୁ ଏହାପରେ ରାଜ୍ୟରେ ମୁରୁଜ ଏକ ଶୁଭର ପ୍ରତୀକ ବିବେଚନା କରାଯାଇ ପ୍ରଜାମାନେ ପ୍ରତିଦିନ ଘର ଅଗଣାରେ ମୁରୁଜ ଆଙ୍କିଲେ । ତାମିଲି ଲୋକ ବିଶ୍ୱାସ ଅନୁଯାୟୀ ଅଣ୍ଡଲ ନାମକ ଜଣେ ଯୁବତୀ ଅରୁମାଲ ନାମକ ଦେବତାଙ୍କୁ ପୂଜା କରିବା ସହିତ ମୁରୁଜ ଆଙ୍କୁଥିଲେ । ଅଣ୍ଡଲ ମାରଖାଜୀ ମାସ (୧୫ ଡିସେମ୍ବର ଠାରୁ ୧୫ଜାନୁୟାରୀ)ରେ ବିବାହ କରିଥିବାରୁ ଏହି ମାସରେ ତାମିଲି ଅବିବାହିତ ଝିଅମାନେ ମୁରୁଜ ପକାଇ ଥାରୁମଲ୍ଲିଙ୍କୁ ପୂଜା କରିଥାନ୍ତି । ଏପରି କରିବା ଦ୍ୱାରା ଅବିବାହିତ ଝିଅମାନଙ୍କର ବିବାହ ଶୀଘ୍ର ହୋଇଥାଏ ବୋଲି ବିଶ୍ୱାସ ଅଛି । ସିନ୍ଧୁ ସଭ୍ୟତାରେ ମୁରୁଜର ବ୍ୟବହାର ସମ୍ବନ୍ଧରେ ସୂଚନା ମିଳିଅଛି । ମୁରୁଜକୁ ଆଲପନା କୁହାଯାଉଥିଲା ଯାହା ସଂସ୍କୃତ ଶବ୍ଦ "ଓଲାନ"ରୁ ଉଦ୍ଭୂତ । ଯାହାର ଅର୍ଥ ଚିତ୍ର ଆଙ୍କିବା । ମୁରୁଜର ବ୍ୟବହାର ସପ୍ତମରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ତନ୍ତ୍ର ସାଧନା ମାଧ୍ୟମରେ ହିନ୍ଦୁ ଧର୍ମ ମଧ୍ୟରେ ହୋଇଥିଲା । ପୂଜା ପାଠ ସମୟରେ ଦେବ ଦେବୀ ଆସ୍ଥାନରେ ମୁରୁଜ ପକାଯାଏ । ସମ୍ଭବତଃ ଦ୍ୱାଦଶ ଓ ତ୍ରୟୋଦଶ ଶତାବ୍ଦୀ ବେଳକୁ ମୁରୁଜ ଶ୍ରୀମନ୍ଦିରରେ ବ୍ୟବହାର କରାଯାଉଥିବାର ବିଶ୍ୱାସ କରାଯାଏ । ବଡ ଦେଉଳରେ ମହାପ୍ରସାଦ ରାନ୍ଧିବା ନିମନ୍ତେ ମୁରୁଜ ଆଙ୍କି ହାଣ୍ଡି ବସାଗଲା । ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର, ଶ୍ରୀ ସୁଭଦ୍ରା ଓ ଶ୍ରୀ ଲକ୍ଷ୍ମୀଙ୍କର ମୁରୁଜରେ ଚିତ୍ର ଅଙ୍କାଯାଇ ପୂଜା କରିବାର ବ୍ୟବସ୍ଥା ଆରମ୍ଭ ହୋଇଥିଲା । ମରଠାମାନଙ୍କ ସମୟରେ ମୁରୁଜ ସହ ଅବିର ରଙ୍ଗର ବ୍ୟବହାର କରାଗଲା । ପୌରାଣିକ ମତାନୁଯାୟୀ ଭଗବାନ ବିଷ୍ଣୁଙ୍କ ଦ୍ୱାରା ବୃନ୍ଦାବତୀଙ୍କର ସତୀତ୍ୱ ନଷ୍ଟ ହେବାରୁ ଜଳନ୍ଧର ବଧ ହେଲେ । ପଞ୍ଚବଟୀ ବା ଅମୃତ ରସରେ ବୃନ୍ଦାବତୀଙ୍କୁ ପବିତ୍ର କରାଯାଇଥିଲା । ପଞ୍ଚବଟୀ ଶବ୍ଦରୁ ପଞ୍ଚକ ସୃଷ୍ଟି । କାର୍ତ୍ତିକ ମାସର ଶେଷ ପାଞ୍ଚ ଦିନକୁ ପଞ୍ଚୁକ କୁହାଯାଏ । ଏହି ସମୟରେ ବୃନ୍ଦାବତୀ ଚଉରା ମୂଳରେ ମୁରୁଜ ପକାଯାଇ ପୂଜା କରିବାର ବିଧି ରହିଛି । ବିଭିନ୍ନ ଦେବ ଦେବୀଙ୍କ ପାଇଁ ଭିନ୍ନ ଭିନ୍ନ ରଙ୍ଗର ମୁରୁଜ ବ୍ୟବହାର କରାଯାଇଥାଏ । ଶ୍ରୀଜଗନ୍ନାଥଙ୍କ ପାଇଁ ହଳଦିଆ, ଶ୍ରୀବଳଭଦ୍ରଙ୍କ ପାଇଁ ସବୁଜ, ଶ୍ରୀସୁଭଦ୍ରାଙ୍କ ପାଇଁ ହଳଦିଆ ରଙ୍ଗର ମୁରୁଜ ବ୍ୟବହାର କରାଯାଇଥାଏ । ଶିବ ଠାକୁରଙ୍କ ପାଇଁ କଳା ଓ ଧଳା, ସୂର୍ଯ୍ୟ, ଗଣେଶ ଓ ସୁଦର୍ଶନଙ୍କ ପାଇଁ ନାଲି ରଙ୍ଗର ମୁରୁଜ ବ୍ୟବହାର କରାଯାଇଥାଏ । ପୌରାଣିକ ତଥ୍ୟ ଅନୁଯାୟୀ ଭଗବାନ ଶ୍ରୀକୃଷ୍ଣ ନିଜ ଦରବାରରେ ରାଜାମାନଙ୍କୁ ସ୍ୱାଗତ କରିବା ପାଇଁ ମୁରୁଜ ପକାଇ ନିମନ୍ତ୍ରଣ କରିଥିଲେ । ଯୁଧିଷ୍ଠିର ଦୀପାବଳିରେ ରାଜସୂୟ ଯଜ୍ଞ କରାଇଥିଲେ । ସେହି ଉପଲେକ୍ଷ ସମଗ୍ର ନଗରୀକୁ ମୁରୁଜ ପକାଯାଇ ସଜା ଯାଇଥିଲା । ପୌରାଣିକ ସୂଚନା ଅନୁଯାୟୀ ସେବେଠାରୁ ଦୀପାବଳୀରେ ମୁରୁଜ ପକାଇବା ପରମ୍ପରା ଚାଲିଆସୁଛି । ଓଡିଆ ରୀତି ନୀତିରେ ଦୀପାବଳି ମୁରୁଜ ସ୍ୱତନ୍ତ୍ର ଓ ଅନନ୍ୟ । ଚଉଷଠି କଳା ମଧ୍ୟରେ ମୁରୁଜ କଳା ଅନ୍ୟତମ । ଆଧ୍ୟାତ୍ମିକ ଚିନ୍ତା ଚେତନା ଓ ଭାବନାର ପରିପ୍ରକାଶ ମୁରୁଜ ମଧ୍ୟରେ ଉଜ୍ଜିବିତ ଅଛି । ମୁରୁଜ କେବଳ କାର୍ତ୍ତିକ ମାସ ଧାର୍ମିକ ପୂଜା ପଦ୍ଧତି ପାଇଁ ନୁହେଁ ଏହା ସମସ୍ତ ମାଙ୍ଗଳିକ ଓ ଶୁଭ କାର୍ଯ୍ୟରେ ଉପଯୋଗ କରାଯାଏ । ମୁରୁଜରେ ଆମ କଳା, ସଂସ୍କୃତି, ପରମ୍ପରାର ଗୌରବମୟ କାହାଣୀ ଭରି ରହିଛି । ମୁରୁଜ କାର୍ତ୍ତିକ ମାସକୁ ଧାର୍ମିକ ମାସରେ ରୂପାନ୍ତରିତ କରିବା ସହିତ ପାରିବାରିକ ଓ ସାମାଜିକ ଜୀବନକୁ ଚଳଚଞ୍ଚଳ କରିଥାଏ ।



ଅବନୀ ଚନ୍ଦ୍ର ଦାସ
ପ୍ରଶାନ୍ତି ବିହାର,
ଭୁବନେଶ୍ୱର - ୨୪
ମୋ-୯୯୩୭୫୩୭୯୭୪

ପୁଣ୍ୟ କାର୍ତ୍ତିକ : ହଜିଯାଉଥିବା ପରମ୍ପରା

ଓଡ଼ିଆ ପାଞ୍ଜି ଅନୁସାରେ ବାର ମାସ ମଧ୍ୟରେ କାର୍ତ୍ତିକ ମାସର ମାହାତ୍ମ୍ୟ ସ୍ୱତନ୍ତ୍ର । ଏହାକୁ ଆମେ ଧର୍ମ ମାସ ବୋଲି କହୁ । ପୁରାଣ କହେ - 'ନ କାର୍ତ୍ତିକ ସମ ମାସ, ନ କୃତେନ ସମ ଯୁଗ...'। ଅର୍ଥାତ୍ ମାସ ମଧ୍ୟରେ କାର୍ତ୍ତିକ ପରି ମାସ ନାହିଁ । କିନ୍ତୁ ଆଜିର ଏ ଧର୍ମ ମାସରେ ଧର୍ମ କେଉଁଠି ନା, ପୁଣ୍ୟ କେଉଁଠି ?

ପୂର୍ବରୁ କାର୍ତ୍ତିକ ଆସିଲେ ଗାଁ ଗହଳିର ଚିତ୍ର ବଦଳି ଯାଉଥିଲା । ଆମିଷ ବର୍ଜନ, ପ୍ରାତଃ ସ୍ନାନ, ତୁଳସୀ ମୂଳେ ଦୀପ ଦାନ, ଶିବ ମନ୍ଦିରରେ ସୋମବାର ବ୍ରତ, ଘରେ ଘରେ ବଡ ଓଷା, ଅଷ୍ଟପ୍ରହରୀ ନାମ ଯଜ୍ଞର ମୃଦଙ୍ଗ- କରତାଳ ଧ୍ୱନି, ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ । ଏ ସବୁ ଭିତରେ ଥିଲା ଏକ ସ୍ୱତନ୍ତ୍ର ସାତ୍ତ୍ୱିକ ଜୀବନ ଶୈଳୀ । ମଣିଷର ଶରୀର ଓ ମନକୁ ପବିତ୍ର ରଖିବାର ବିଜ୍ଞାନ ସମ୍ମତ ପ୍ରୟାସ । ସେହି ପବିତ୍ରତାର ପ୍ରତୀକ ଥିଲେ ଚକୁଳିଆ ପଣ୍ଡା । ହାତ ରେ ଚାମର ଧରି ଗାଁ ଗାଁ ବୁଲି ସେ ଗାଉଥିଲେ - 'ଧର୍ମ କର, ଧର୍ମ କର...' ତାଙ୍କ ମଧୁର ଉପଦେଶାତ୍ମକ ସଙ୍ଗୀତ ଲୋକଙ୍କୁ ଦାନ, ଧର୍ମ, ପୁଣ୍ୟ ପ୍ରତି ପ୍ରବର୍ତ୍ତାଉଥିଲା । ଲୋକେ ମୁଠାଏ ଚାଉଳ, ଆଉ କିଛି ଦକ୍ଷିଣା ଦେଇ ପୁଣ୍ୟ ଅର୍ଜନର ଆନନ୍ଦ ପାଉଥିଲେ ।

କିନ୍ତୁ ଆଜି ? ଚକୁଳିଆ ପଣ୍ଡାଙ୍କ ସେ ସବୁ ଶବ୍ଦ ବନ୍ଦ ହୋଇଗଲାଣି । ସେଇ ସ୍ନାନ ନେଇଛି ଉଚ୍ଚ ଡେସିବେଲର ଡ଼ାକବାଜି ଯନ୍ତ୍ର । ଅଷ୍ଟପ୍ରହରୀରେ ଝାଞ୍ଜି, ଗିନି ଓ ମୃଦଙ୍ଗ ଧ୍ୱନି ସବୁ ଶ୍ରୁତିକଟୁ ଡିଜେ ଯନ୍ତ୍ରର ବିକଟାଳ ନାଦରେ ଯେମିତି ହଜିଯାଇଛି । ନାମ ଯଜ୍ଞ ପରିବର୍ତ୍ତେ ଅଶ୍ଳୀଳ ନୃତ୍ୟ-ଗୀତର ପ୍ରତିଯୋଗିତା । ଭକ୍ତି ପରିବର୍ତ୍ତେ ପ୍ରଦର୍ଶନ, ଶ୍ରଦ୍ଧା ପରିବର୍ତ୍ତେ ଆଡମ୍ବର ଓ ଯାକ ଯମକର ମାହୋଲ୍ ଦେଖିବାକୁ ମିଳୁଛି ।

32 YEARS
ସମ୍ବାଦ ଜାହ୍ନବୀ
ଭୁବନେଶ୍ୱର, ୨୨ ନଭେମ୍ବର, ୨୦୨୬ ରବିବାର



ବରଗଡ଼ରେ ବିପୁଳ ମଦ ଜବତ:ମାମଲା ରୁଜୁ

ବରଗଡ଼, ନ୍ୟୁଜ୍ ବ୍ୟୁରୋ

ବେଆଇନ୍ ମଦ କାରବାର ବିରୋଧରେ ବରଗଡ଼ ସଦର ପୋଲିସ ପକ୍ଷରୁ ଦୁଇଟି ସ୍ଥାନରେ ଚଢ଼ଉ କରାଯାଇ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ସହ ନଗଦ ୨୨ ହଜାର ୨୦୦ ଟଙ୍କା ଜବତ କରାଯାଇଛି । ଗତ ୧୭ ତାରିଖରେ ସୟାଁଛକ ନିକଟରେ ଯାଞ୍ଚ ସମୟରେ ୪୩ ପାଉଚ୍ ଦେଶୀ ମଦ ଜବତ ହୋଇଥିବା ବେଳେ ଏହି ଘଟଣାରେ ସୟାଁ ଗ୍ରାମର କୃଷ୍ଣଚନ୍ଦ୍ର ଦାସଙ୍କ ନାମରେ ସଦର ଥାନାରେ କେସ୍ ନମ୍ବର ୪୦୦ ରୁଜୁ ହୋଇଛି । ସେହିପରି ହଳଦିପାଲି ଛକ ନିକଟସ୍ଥ ସରୋଜ ଢାବାରେ ସଦର ଏସ୍‌ଡିପିଓଙ୍କ ନେତୃତ୍ୱରେ ଚଢ଼ଉ କରାଯାଇ ୩୦ ପାଉଚ୍ ଦେଶୀ ମଦ, ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ଓ ୯ଟି ବିୟର ଜବତ କରାଯାଇଛି । ଏହି ମାମଲାରେ ହଳଦିପାଲି ଗ୍ରାମର ଗୋବିନ୍ଦ ସାହୁଙ୍କ ନାମରେ କେସ୍ ନମ୍ବର ୪୦୧ ରୁଜୁ ହୋଇଛି । ଜିଲ୍ଲାରେ ବେଆଇନ୍ ମଦ କାରବାର ରୋକିବା ପାଇଁ ପୋଲିସର ଏହି ଚଢ଼ଉ ଜାରି ରହିବ ବୋଲି ଜଣାପଡ଼ିଛି ।

ଜନଗଣନା କ୍ଷେତ୍ର ପ୍ରଶିକ୍ଷକଙ୍କ ତାଲିମ୍ କାର୍ଯ୍ୟକ୍ରମ:ରାଜସ୍ୱ କମିଶନରଙ୍କ ଅନୁଧ୍ୟାନ



ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲାରେ ଜନଗଣନା ୨୦୨୬ ଦ୍ୱିତୀୟ ପର୍ଯ୍ୟାୟ ପାଇଁ କ୍ଷେତ୍ର ପ୍ରଶିକ୍ଷକ ମାନଙ୍କ ତାଲିମ୍ କାର୍ଯ୍ୟକ୍ରମ ଜିଲ୍ଲା ପୁରୁଣା ମେଡିକାଲ୍ ସଭା ଗୃହ ଠାରେ ଆରମ୍ଭ ହୋଇଯାଇଛି । ୧୮ ତାରିଖ ରୁ ୨୦ ତାରିଖ ତିନି ଦିନ ଧରି ଚାଲିବାକୁ ଥିବା ଏହି ପ୍ରଶିକ୍ଷଣ ଶିବିରର ଦ୍ୱିତୀୟ ଦିବସରେ ପହଞ୍ଚିଥିଲେ ସମ୍ବଲପୁର ରାଜସ୍ୱ କମିସନର ଓ ଜନଗଣନା କାର୍ଯ୍ୟ କଳାପ, ଉଦ୍ଦେଶ୍ୟରେ, ବ୍ରିଟିଶ ସମୟରୁ ଜନଗଣନାର ଇତିହାସ ଏବଂ ଏ ସେନ୍ସସ କେତେ ଗୁରୁତ୍ୱ ତାଉପରେ ବୁଝାଇଥିଲେ । ଜିଲ୍ଲାର ସମସ୍ତ ଚାର୍ଜରୁ ୨୬ ଜଣ କ୍ଷେତ୍ର ପ୍ରଶିକ୍ଷକ ତାଲିମ୍ କେନ୍ଦ୍ରରେ ଯୋଗଦେଇଥିଲେ । ମାଷ୍ଟର ଟ୍ରେନର ଭାବେ ଡ଼ଃ ସୌମ୍ୟାରୁପା ରଥ, ଉପଜିଲ୍ଲାପାଳ, ସୋନପୁର ଓ ସୁଶ୍ରୀ ସୁଚିସ୍ମିତା ପାଣିଗ୍ରାହୀ, ତହସିଲଦାର, ବୀରମହାରାଜପୁର ଏହି ତାଲିମ୍ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରଶ୍ନ ଉତ୍ତର ମାଧ୍ୟମରେ ଖୁବ୍ ସୁନ୍ଦର ଭାବେ ତାଲିମ୍ ପ୍ରଦାନ କରୁଛନ୍ତି । ତ୍ରୁଟି ଶୂନ୍ୟ ଭାବେ ଆମ୍ ବିଶ୍ୱାସର ସହ କାମ କରିବେ କ୍ଷେତ୍ର ପ୍ରଶିକ୍ଷକ ବୋଲି ଉପ ଜିଲ୍ଲାପାଳ ଡ଼ଃ ରଥ ମତ ରଖି ପ୍ରଥମେ ସ୍ୱଗଣନା ହେବ ଜାନୁଆରୀ ୧୦ ରୁ ୨୪ ଯାଏ ୧୬୦୦ ଏନୁମେରେଟର ବ୍ଲକକୁ ଯିବେ ଓ ଜାନୁୟାରୀ ୨୫ ରୁ ୨୮ ଯାଏ ଏନୁମିନେଟର ଘରକୁ ଘର ବୁଲି ଜନ ଗଣନା କରିବେ ବୋଲି କହିଥିଲେ । ୨୦୧୧ ଠାରୁ ଏ ପର୍ଯ୍ୟନ୍ତ ଜନ ଗଣନା ହୋଇପାରିନାହିଁ । ଏଣୁ ପ୍ରଥମ ଥର ପାଇଁ ଜାତି ଗଣନା କରାଯାଇଛି । ଯାଦ୍ୱାରା କି ଜାତିଗତ ଭାଷାଗତ ଚିହ୍ନଟ ହୋଇପାରିବ ବୋଲି ଡ଼ଃ ରଥ ମିଡିଆଙ୍କୁ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରମୁଖ ଜନଗଣନା ଅଧିକାରୀ ତଥା ଜିଲ୍ଲାପାଳ ଦେବାଶିଷ ସିଂହ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅନିରୁଦ୍ଧ ପ୍ରଧାନ, ସୁବର୍ଣ୍ଣପୁର, ସହକାରୀ ଜିଲ୍ଲାପାଳ, ଜନଗଣନା ଶାଖା, ସୁବର୍ଣ୍ଣପୁର ଆଜାଦ୍ କୁମାର ସାହୁ, ଜନଗଣନା ନିର୍ଦ୍ଦେଶାଳୟରୁ ନିଯୁକ୍ତ ଜିଲ୍ଲା କୋ କୋଡ଼ିନେଟର ଶିଭମ ଜୟସ୍ୱାଲ, ଆକାଶ ସାହୁ, ସମସ୍ତ ଚାର୍ଜ ଅଫିସର, ଫିଲ୍ଡ ଟ୍ରେନର ଉପସ୍ଥିତ ଥିଲେ । ଏଥିରେ ଫିଲ୍ଡ ଟ୍ରେନର ମାନଙ୍କୁ ଏନୁ ମେରେଟର ଓ ସୁପର୍ ଭାଇଜର ମାନଙ୍କୁ କିପରି କାର୍ଯ୍ୟ କରିବାକୁ ହେବ ସେ ପ୍ରଣାଳୀ ସମ୍ପର୍କରେ ତାଲିମ୍ ପ୍ରଶିକ୍ଷଣ ଦିଆଯାଇଛି ।

ନିରପେକ୍ଷ ଓ ସତ୍ୟନିଷ୍ଠ ସମ୍ବାଦ ପରିବେଷଣ କରି ସାମ୍ବାଦିକମାନେ ସୁସ୍ଥ ସମାଜ ଗଠନ କରନ୍ତୁ



ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ୨୦୨୬ ଜିଲ୍ଲାପାଳ ଜେ ସୋନାଲ୍‌ଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଭାପତି, ଜିଲ୍ଲା ପରିଷଦ ଜଗତସିଂହପୁର ମନୋଜ କୁମାର ଭୋଇ ଉପସ୍ଥିତ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରେସ୍ ଦିବସର ଶୁଭେଚ୍ଛା ଜଣାଇବା ସହ କହିଥିଲେ ଯେ ସାମ୍ବାଦିକମାନେ ସର୍ବଦା ସ୍ୱଚ୍ଛ, ନିରପେକ୍ଷ ଓ ସତ୍ୟନିଷ୍ଠ ସମ୍ବାଦ ପରିବେଷଣ କରି ସୁସ୍ଥ ସମାଜ ଗଠନରେ ନିଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତୁ । ସମସ୍ତ ସାମ୍ବାଦିକ ସୁସ୍ଥ ଜୀବନଯାପନ କରିବା ସହ ଏକ ସୁସ୍ଥ ଓ ସକାରାତ୍ମକ ପରିବେଶରେ ନିଜର ବୃତ୍ତିଗତ ଦାୟିତ୍ୱ ତୁଲାଇ ସମାଜର ଉନ୍ନତି ଓ ଗଠନ ପାଇଁ ଦୃଢ଼ ପଦକ୍ଷେପ ନେବା ଉଚିତ୍ ବୋଲି ସେ ଉପଦେଶ ଦେଇଥିଲେ । ସଭାରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ ସୋନାଲ ସାମ୍ବାଦିକମାନଙ୍କ ସାହସ, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ପ୍ରଶଂସନୀୟ ବୋଲି କହିଥିଲେ । ସରକାରୀ ଯୋଜନା ଓ ଜନସାଧାରଣଙ୍କ ସମସ୍ୟାକୁ ପ୍ରଶାସନର ନଜରକୁ ଆଣିବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସୋସିଆଲ୍ ମିଡିଆର ଏହି ଯୁଗରେ ସାମ୍ବାଦିକମାନେ ସତ୍ୟ, ନିରପେକ୍ଷତା ଓ ବୃତ୍ତିଗତ ନୈତିକତାକୁ ପ୍ରାଧାନ୍ୟ ଦେଇ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ପାଇଁ ସେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ରେଭେନ୍ସା ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ମୁଖ୍ୟ ଡଃ ଦେବୀଲାଲ ମିଶ୍ର ଚଳିତ ବର୍ଷର ଆଲୋଚ୍ୟ ବିଷୟ ବସ୍ତୁ 'ସାମ୍ବାଦିକତା:ଲୋକପ୍ରିୟତା ବନାମ କର୍ତ୍ତବ୍ୟବୋଧ' ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ସ୍ୱାଧୀନ ଓ ନିରପେକ୍ଷ ଗଣମାଧ୍ୟମ ଏକ ସୁସ୍ଥ ଗଣତନ୍ତ୍ରର ମୂଳ ଆଧାର । ସ୍ୱାଧୀନତା ସହ ଉତ୍ତରଦାୟିତ୍ୱ, ଦକ୍ଷତା ସହ ନୈତିକତା ଏବଂ ସାମ୍ବାଦିକତା ସହ ଜନସ୍ୱାର୍ଥର ସମନ୍ୱୟ ହିଁ ଏକ ସୁସ୍ଥ ଓ ସଚେତନ ସମାଜ ଗଠନର ମୂଳମନ୍ତ୍ର । ବର୍ତ୍ତମାନ ଗଣମାଧ୍ୟମ ଏକ ବଜାର ଭିତ୍ତିକ ବ୍ୟବସ୍ଥାରେ ପରିଣତ ହେଉଥିବାବେଳେ ଅଧିକ ଲାଇକ୍, ଭ୍ୟୁ, ସେୟାର ଓ ଲୋକପ୍ରିୟତାର ପ୍ରତିଯୋଗିତାରେ ସାମ୍ବାଦିକତାର ମୂଳ ଆଦର୍ଶ ଯେପରି ହଜିନଯାଏ, ସେଥିପ୍ରତି ସମସ୍ତେ ସଚେତନ ରହିବା ଆବଶ୍ୟକ । ସାମ୍ବାଦିକମାନଙ୍କ ସୁରକ୍ଷା, ସମ୍ମାନ, ଆର୍ଥିକ ସ୍ଥିତି ଓ ବୃତ୍ତିଗତ ସ୍ୱାଧୀନତା ପ୍ରତି ସମାଜ ଓ ସରକାର ଗୁରୁତ୍ୱ ଦେବା ଆବଶ୍ୟକ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆରକ୍ଷା ଅଧିକ୍ଷକ ଅଙ୍କିତ କୁମାର ବର୍ମା । ଜଗତସିଂହପୁର ଜିଲ୍ଲାର ସାମ୍ବାଦିକମାନଙ୍କ କ୍ଷେତ୍ରସ୍ତରୀୟ ରିପୋର୍ଟିଂ ଓ ସହଯୋଗ ପ୍ରଶଂସନୀୟ ବୋଲି କହିଥିଲେ । ସାମୟିକ ଲୋକପ୍ରିୟତା ପଛରେ ନପଡ଼ି ସତ୍ୟ, ନିରପେକ୍ଷତା ଓ ଜନସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ସାମ୍ବାଦିକତାର ମୂଲ୍ୟବୋଧ ବଜାୟ ରଖିବା ଏବଂ ଲୋକଙ୍କ ସମସ୍ୟା ସହିତ ସକାରାତ୍ମକ ଓ ଜନହିତକର କାର୍ଯ୍ୟଗୁଡ଼ିକୁ ମଧ୍ୟ ସମାନ ଗୁରୁତ୍ୱ ଦେବା ପାଇଁ ସେ ଅନୁରୋଧ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ କିଶୋର ଚୌଧୁରୀ, ଦେବେନ୍ଦ୍ର ସିଂହ, ମନୋଜ କୁମାର ଦାଶ, ରମାକାନ୍ତ ଦାଶ, ସୁନାକର ବେହେରା, ଶଶାଙ୍କ ଶେଖର ପଣ୍ଡା, ଶୁଭଙ୍କର ଜେନା, ପ୍ରମୋଦ କୁମାର ନାୟକ ନିଜ ନିଜର ସମ୍ୟକ୍ ଅନୁଭୂତି ଓ ଅଭିବ୍ୟକ୍ତି ରଖିଥିଲେ । ଜାତୀୟ ପ୍ରେସ୍ ଦିବସ ୨୦୨୬ ଉପଲକ୍ଷେ ଆୟୋଜିତ ହାଇସ୍କୁଲ ସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରତିଭା ତନୟା ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି, ଜିଲ୍ଲା ସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀ, ଆଇନଜୀବୀ ପ୍ରମୁଖ ଉପସ୍ଥିତ ଥିଲେ ।

ସୌର ଶକ୍ତିର ବ୍ୟବହାର ନେଇ 'ସୋଲାର ରଥ'ର ଶୁଭାରମ୍ଭ

ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ

ଜନସାଧାରଣଙ୍କ ମଧ୍ୟରେ ସୌର ଶକ୍ତିର ବ୍ୟବହାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ପିଏମ୍ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନାର ବ୍ୟାପକ ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ନବରଙ୍ଗପୁର ଜିଲ୍ଲାପାଳ ମଧୁମିତା ପତାକା ଦେଖାଇ ଏହି ରଥର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଟିପିଏସ୍‌ଓଡିଏଲ୍‌ର ମୁଖ୍ୟ ପରିଚାଳନା ଅଧିକାରୀ ମିଲିନ୍ଦ ପ୍ରଭାକର କୁଲକର୍ଣ୍ଣୀ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ତଥା ଜୟପୁର ସର୍କଲର ଜୋନାଲ୍ ମୁଖ୍ୟ ମନ୍ମଥ ନାଥ ମିଶ୍ର, ଜୟପୁର ସର୍କଲ ମୁଖ୍ୟ ଟି. ତପନରଶ୍ମି ସୁବୁଦ୍ଧି ଏବଂ ନବରଙ୍ଗପୁର ଡିଭିଜନର ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ରାଉତ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସଲାଙ୍କ ସମେତ ଟିପିଏସ୍‌ଓଡିଏଲ୍‌ର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ସୋଲାର ରଥ ଜିଲ୍ଲାର ସମସ୍ତ ବ୍ଲକ୍, ଗ୍ରାମ ପଞ୍ଚାୟତ, ସ୍ଥାନୀୟ ବଜାର ଓ ବିଭିନ୍ନ ଗ୍ରାମ ପରିକ୍ରମା କରି ଲୋକମାନଙ୍କୁ ସୌର ଶକ୍ତିର ଉପକାରିତା, ଘରୋଇ ସୌର ପ୍ୟାନେଲ୍ ସ୍ଥାପନ ପ୍ରକ୍ରିୟା ଏବଂ ସରକାରୀ ଯୋଜନାରେ ମିଳୁଥିବା ସୁବିଧା ସମ୍ପର୍କରେ ସଚେତନ କରିବ । ଏହି ପ୍ରଚାର ଅଭିଯାନରେ ରେଡିଓ ଜିଙ୍ଗଲ୍ ମାଧ୍ୟମରେ ଯୋଜନା ସମ୍ପର୍କିତ ସୂଚନା ପ୍ରସାର କରାଯିବା ସହ ସୋଲାର ସାଥୀମାନେ ଲୋକଙ୍କୁ ସୂଚନା, ଶିକ୍ଷା ଓ ଯୋଗାଯୋଗ (IEC) ସମ୍ବନ୍ଧୀୟ ପ୍ରଚାରପତ୍ର ବଣ୍ଟନ କରିବେ । ଟିପିଏସ୍‌ଓଡିଏଲ୍ ପକ୍ଷରୁ ପ୍ରାପ୍ତ ସୂଚନା ଅନୁଯାୟୀ, ନବରଙ୍ଗପୁର ଜିଲ୍ଲାରେ ଏପର୍ଯ୍ୟନ୍ତ ମୋଟ୍ ୪,୩୪୩ ଜଣ ବିଦ୍ୟୁତ୍ ଉପଭୋକ୍ତା ବିଭିନ୍ନ ଯୋଜନା ଅଧୀନରେ ସୌର ପ୍ୟାନେଲ୍ ସ୍ଥାପନ କରିଛନ୍ତି । ସେଥିମଧ୍ୟରୁ ୨,୫୨୩ ଜଣ ଉପଭୋକ୍ତା ULA ଯୋଜନାରେ ୧ କିଲୋୱାଟ୍ କ୍ଷମତା ବିଶିଷ୍ଟ ସୌର ବ୍ୟବସ୍ଥା ଗ୍ରହଣ କରିଥିବା ବେଳେ ୧,୮୨୦ ଜଣ ଉପଭୋକ୍ତା ପିଏମ୍ ସୂର୍ଯ୍ୟଘର ମୁଫ୍ତ ବିଜୁଳି ଯୋଜନାରେ ୨ କିଲୋୱାଟ୍ ଓ ୩ କିଲୋୱାଟ୍ କ୍ଷମତା ବିଶିଷ୍ଟ ସୌର ବ୍ୟବସ୍ଥା ସ୍ଥାପନ କରିଛନ୍ତି । ଏହି ଯୋଜନାଗୁଡ଼ିକ ମାଧ୍ୟମରେ ଉପଭୋକ୍ତାମାନେ ବିଦ୍ୟୁତ୍ ବିଲ୍ ହ୍ରାସ କରିବା ସହ ସ୍ୱଚ୍ଛ, ଶସ୍ତା ଓ ପରିବେଶ ଅନୁକୂଳ ଶକ୍ତିର ସୁବିଧା ପାଇପାରୁଛନ୍ତି । ଏଥିସହ ଯୋଗ୍ୟ ହିତାଧିକାରୀଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଓ ସବ୍‌ସିଡି ପ୍ରଦାନ କରାଯାଉଛି । ଏହି ଅବସରରେ ସମସ୍ତ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ପାରମ୍ପରିକ ଶକ୍ତି ଉତ୍ସ ଉପରେ ନିର୍ଭରଶୀଳତା କମାଇ ସ୍ୱଚ୍ଛ ଓ ନବୀକରଣଯୋଗ୍ୟ ସୌରଶକ୍ତି ଆପଣାଇବାକୁ ଆହ୍ୱାନ କରାଯାଇଛି । ଏହାଦ୍ୱାରା ଶକ୍ତି ସଂରକ୍ଷଣ ସହ ପରିବେଶ ସୁରକ୍ଷା ଏବଂ ସବୁଜ ଓ ସ୍ୱଚ୍ଛ ଭବିଷ୍ୟତ ଗଠନରେ ସମସ୍ତେ ସହଭାଗୀ ହୋଇପାରିବେ ।

ପ୍ରକଳ୍ପ ମାଧ୍ୟମରେ ବୈଜ୍ଞାନିକ ସୃଜନଶୀଳତା ପ୍ରଦର୍ଶନ କଲେ ଛାତ୍ରଛାତ୍ରୀ



ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ସୋନପୁର ପକ୍ଷରୁ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନାର ସହିତ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ମେଳା ଆୟୋଜିତ ହୋଇଯାଇଛି । ଏହି ପ୍ରଦର୍ଶନୀରେ ଷଷ୍ଠରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରାୟ ୫୦ଟି ଅଭିନବ ପ୍ରକଳ୍ପ ପ୍ରସ୍ତୁତ ଓ ପ୍ରଦର୍ଶିତ ହୋଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀ ମାନେ ନିଜ ନିଜ ପ୍ରକଳ୍ପ ମାଧ୍ୟମରେ ବୈଜ୍ଞାନିକ ସୃଜନଶୀଳତା, ନବସୃଜନ ଏବଂ ବ୍ୟବହାରିକ ଜ୍ଞାନର ସୁନ୍ଦର ପରିଚୟ ଦେଇଥିଲେ । ଏହି ବର୍ଷ ଏହି ପ୍ରଦର୍ଶନୀର ଆୟୋଜନ କରାଯାଇଥାଏ । ଏହି ପ୍ରଦର୍ଶନୀରୁ ସର୍ବଶ୍ରେଷ୍ଠ ପ୍ରକଳ୍ପଗୁଡ଼ିକୁ କ୍ଲଷ୍ଟର ଏବଂ ଆଞ୍ଚଳିକ ସ୍ତର ପାଇଁ ମନୋନୀତ କରାଯିବ । ସେଠାରେ ସଫଳ ହେଲେ ଛାତ୍ରଛାତ୍ରୀମାନଙ୍କୁ ଜାତୀୟ ସ୍ତରରେ ବିଦ୍ୟାଳୟକୁ ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିବ । ବିଜ୍ଞାନ, ବିପର୍ଯ୍ୟୟ ପରିଚାଳନାକୁ ଆଧାରିତ କରି ଅନୁଷ୍ଠିତ ହୋଇଥିଲା । ଏହି ପ୍ରଦର୍ଶନୀରେ ବିଦ୍ୟାଳୟର ସମସ୍ତ ଗଣିତ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଗାଇଡ୍ ଭାବେ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଛାତ୍ରଛାତ୍ରୀମାନେ ପ୍ରକଳ୍ପ ପ୍ରସ୍ତୁତ କରିବା ଠାରୁ ଆରମ୍ଭ କରି ଉପସ୍ଥାପନା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସମ୍ପନ୍ନ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ବିକଶିତ କରିବା ଉଦ୍ଦେଶ୍ୟରେ ବିଦ୍ୟାଳୟ ପକ୍ଷରୁ ପ୍ରତିବର୍ଷ ଏହି ପ୍ରଦର୍ଶନୀର ଆୟୋଜନ କରାଯାଇଥାଏ । ଏହି ପ୍ରଦର୍ଶନୀରୁ ସର୍ବଶ୍ରେଷ୍ଠ ପ୍ରକଳ୍ପଗୁଡ଼ିକୁ କ୍ଲଷ୍ଟର ଏବଂ ଆଞ୍ଚଳିକ ସ୍ତର ପାଇଁ ମନୋନୀତ କରାଯିବ । ସେଠାରେ ସଫଳ ହେଲେ ଛାତ୍ରଛାତ୍ରୀମାନଙ୍କୁ ଜାତୀୟ ସ୍ତରରେ ବିଦ୍ୟାଳୟକୁ ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିବ ।

୫୨ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ:୩ ଗିରଫ

ବରଗଡ଼, ନ୍ୟୁଜ୍ ବ୍ୟୁରୋ

ବରଗଡ଼ ଜିଲ୍ଲାର ପଦ୍ମପୁର ପୋଲିସକୁ ନିଶା କାରବାର ବିରୋଧରେ ଏକ ବଡ଼ ସଫଳତା ମିଳିଛି । ନାକା ଚେକିଂ ସମୟରେ ୫୨ କେଜି ୩୧ ଗ୍ରାମ୍ ଗଞ୍ଜେଇ ସହ ଏକ ମାରୁତି ସ୍ୱିଫ୍ଟ କାର୍ ଜବତ କରିବା ସହ ଏହି ଘଟଣାରେ ଉତ୍ତରପ୍ରଦେଶର ୩ ଜଣ ଯୁବକଙ୍କୁ ପୋଲିସ ଗିରଫ କରିଛି । ପୋଲିସର ସୂଚନା ଅନୁଯାୟୀ, ଗତ ୧୮ ତାରିଖ ରାତିରେ ପଦ୍ମପୁର ଥାନା ଅନ୍ତର୍ଗତ ରାଜାପଡ଼ା ବ୍ରିଜ୍ ନିକଟରେ ନାକା ଚେକିଂ ଚାଲିଥିବା ସମୟରେ ବିନା କୌଣସି ଲାଇସେନ୍ସ କିମ୍ବା ଅନୁମତିରେ ଗଞ୍ଜେଇ ପରିବହନ କରୁଥିବା ଏକ ମାରୁତି ସ୍ୱିଫ୍ଟ କାରକୁ ଅଟକାଯାଇଥିଲା । ଗାଡ଼ିରେ ଥିବା ତିନି ଜଣଙ୍କ ଠାରୁ ମୋଟ ୫୨ କେଜି ୩୧ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଥିଲା । ଏହା ସହିତ ଅଭିଯୁକ୍ତଙ୍କ ଠାରୁ ୩ଟି ମୋବାଇଲ୍ ଫୋନ୍, ଏବଂ ନଗଦ ୬,୭୬୦ ଟଙ୍କା ମଧ୍ୟ ଜବତ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ: ୧. ସଚିନ କୁମାର (୨୪), ପିତା- ହୃଦୟ ନାରାୟଣ ଉପାଧ୍ୟାୟ, ରାକସରାଇ, ଉତ୍ତରପ୍ରଦେଶ। ୨. ସାଗର କୁମାର (୨୪), ପିତା- ବଚୁଲାଲ, ସାଲହାପୁରୀ ଖ୍ୱାଜିଦପୁର, ପ୍ରୟାଗରାଜ, ଉତ୍ତରପ୍ରଦେଶ। ୩. ଧୀରଜ କୁମାର (୨୩), ପିତା- ରମେଶ ଚନ୍ଦ୍ର, ଅକବରପୁର ସାଲହାପୁର, ପ୍ରୟାଗରାଜ, ଉତ୍ତରପ୍ରଦେଶ। ଏହି ଘଟଣାରେ ପଦ୍ମପୁର ଥାନା କେସ୍ ନଂ- ୩୪୬, ତା.୧୮.୧୧.୨୦୨୬, ଧାରା ୧୧୧(୨)(b) BNS ଏବଂ ୨୦(b)(ii)(C)/୨୫ NDPS ଆକ୍ଟ ଅନୁଯାୟୀ ମାମଲା ରୁଜୁ ହୋଇଛି । ଗିରଫ ତିନି ଅଭିଯୁକ୍ତଙ୍କୁ ଆଇନ୍ ଅନୁଯାୟୀ ଅଦାଲତକୁ ଚାଲାଣ କରାଯାଇଛି ।

ନିର୍ବାଚନୀ ସାକ୍ଷରତା ନେଇ କୁଇଜ୍ ଓ ପ୍ରବନ୍ଧ ପ୍ରତିଯୋଗିତା



ବାଲେଶ୍ୱର, ନ୍ୟୁଜ୍

ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ, ବାଲେଶ୍ୱର ପକ୍ଷରୁ ଜିଲ୍ଲାସ୍ତରୀୟ ନିର୍ବାଚନୀ ସାକ୍ଷରତା କ୍ଲବ୍ କୁଇଜ୍ ଏବଂ ପ୍ରବନ୍ଧ ପ୍ରତିଯୋଗିତା ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଭାଗୃହ (ଅଡିଟୋରିୟମ୍) ସମେତ ଜିଲ୍ଲାର ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରମୁଖ ବ୍ଲକ୍ କାର୍ଯ୍ୟାଳୟ ଗୁଡ଼ିକରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ବାଲେଶ୍ୱର ଜିଲ୍ଲାର ସମସ୍ତ ୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୧୦୦ରୁ ଅଧିକ ଛାତ୍ରଛା

32 YEARS
ସମୟ କଳିଙ୍ଗ
ଭୁବନେଶ୍ୱର, ୨୨ ନଭେମ୍ବର, ରବିବାର, ୨୦୨୬
ପୃଷ୍ଠା – ୬

ଏସିଆ କପ୍ ରାଇଜିଂ ଷ୍ଟାର୍ସ ଆଜି ଭାରତ-ପାକ ମହାଯୁଦ୍ଧ



ନୂଆଦିଲ୍ଲୀ

ଏବେ ଚାଲିଥିବା ଏସିଆ କପ ରାଇଜିଂ ଷ୍ଟାର୍ସ ୨୦୨୬ରେ ରବିବାର, ୨୨ ନଭେମ୍ବରରେ ଭାରତ-ଏ ଏବଂ ପାକିସ୍ତାନ-ଏ ମଧ୍ୟରେ ହେବ ମହାମୁକାବିଲା। ଗତ ରବିବାର (୧୪ ନଭେମ୍ବର) ଅଣ୍ଡର-୧୯ ଏସିଆ କପର ଫାଇନାଲରେ ଭାରତ ଓ ପାକିସ୍ତାନ ମୁହାଁମୁହିଁ ହୋଇଥିଲେ। ଏହି ମ୍ୟାଚରେ ଭାରତୀୟ ଦଳ ୧ ୱିକେଟ୍‌ରେ ବିଜୟୀ ହୋଇ ଟାଇଟଲ ହାସଲ କରିଥିଲା। ଏବେ ଗୋଟିଏ ସପ୍ତାହ ପରେ ପୁଣି ଥରେ ଭାରତ ଓ ପାକିସ୍ତାନର 'ଏ' ଦଳ ମଧ୍ୟରେ ମୁକାବିଲା ହେବ।

ତେବେ 'ଏ' ଦଳ ବୋଲି ଭାବି ନିଅନ୍ତୁ ନାହିଁ ଯେ ଏଥିରେ କେବଳ ଘରୋଇ କ୍ରିକେଟର ଖେଳାଳି ରହିବେ। ଭାରତୀୟ ଦଳରେ ବୈଭବ ସୂର୍ଯ୍ୟବଂଶୀ, ଅଭିଷେକ ଶର୍ମା ଓ ତିଳକ ବର୍ମାଙ୍କ ଭଳି ଷ୍ଟାର୍ ଖେଳାଳି ସାମିଲ ଅଛନ୍ତି।

ଏହି ଟୁର୍ଣ୍ଣାମେଣ୍ଟରେ ତିଳକ ବର୍ମା ଇଣ୍ଡିଆ-ଏ ଦଳର ଅଧିନାୟକ ଦାୟିତ୍ୱ ତୁଲାଉଛନ୍ତି। ଭାରତୀୟ ଦଳ ପାଇଁ ଏହା ହେବ ଦ୍ୱିତୀୟ ମ୍ୟାଚ। ଶୁକ୍ରବାର (୨୦ ନଭେମ୍ବର) ଟିମ ଇଣ୍ଡିଆ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ ନେପାଳ ବିପକ୍ଷରେ ଖେଳିଥିଲା। ଏଥିରେ ଭାରତ ୩୦୬ ରନର ବଡ଼ ବ୍ୟବଧାନରେ ବିଜୟ ହାସଲ କରିଥିଲା।

ସେହିପରି ପାକିସ୍ତାନ-ଏ ପାଇଁ ମଧ୍ୟ ଏହା ଦ୍ୱିତୀୟ ମ୍ୟାଚ ହେବ। ପାକିସ୍ତାନ ନିଜର ପ୍ରଥମ ମ୍ୟାଚ ୟୁଏଇ ବିପକ୍ଷରେ ଖେଳି ୬୧ ରନରେ ବିଜୟୀ ହୋଇଥିଲା।

ରାହୁଲଙ୍କ ଶତକ, ଭାରତ ନିୟନ୍ତ୍ରଣରେ ୱେଲିଂଟନ ଟେଷ୍ଟ

ୱେଲିଂଟନ

କେଏଲ ରାହୁଲଙ୍କ ଶତକ ଏବଂ ଅଧିନାୟକ ଶୁବମନ ଗିଲ, ଯଶସ୍ୱୀ ଜୟସ୍ୱାଲ, ଦେବଦତ୍ତ ପଡ଼ିକଲ୍ଲ ଓ ଋଷଭ ପନ୍ତଙ୍କ ଅର୍ଦ୍ଧଶତକ ବଳରେ ୱେଲିଂଟନ ଟେଷ୍ଟରେ ନିଜ ସ୍ଥିତି ସୁଦୃଢ଼ କରିଛି ଭାରତ। ତୃତୀୟ ଦିନ ଖେଳ ଶେଷସୁଦ୍ଧା ଭାରତ ୪ ୱିକେଟ୍ ହରାଇ ୪୮୬ ରନ୍ କରିଥିବା ସହ ୧୧୮ ରନ୍‌ରେ ଅଗ୍ରଣୀ ହାସଲ କରିଛି।

ଶନିବାର ଭାରତ ୧୫୯/୧ରୁ ଆଗକୁ ଖେଳିବା ଆରମ୍ଭ କରିଥିଲା। ଶୁକ୍ରବାର ଅର୍ଦ୍ଧଶତକ କରି ଅପରାଜିତ ଥିବା କେଏଲ୍ ରାହୁଲ ନିଜ କ୍ୟାରିୟରର ୧୩ତମ ଶତକ ପୂରଣ କରିଥିଲେ। ସେ ପଡ଼ିକଲ୍ଲଙ୍କ ସହ ୧୬୫ ରନ୍‌ର ଏକ ଭାଗୀଦାର କରି ଭାରତର ସ୍ଥିତିକୁ ଦୃଢ କରିଥିଲେ। ପଡ଼ିକଲ୍ଲ ୮୦ ରନ୍‌ର ଏକ ଲଢୁଆ ପାଳି ଖେଳି କାଇଲ୍ ଜେମିସନ୍‌ଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଏହା ପରେ ରାହୁଲ ଓ ଅଧିନାୟକ ଶୁବମନ ଗିଲଙ୍କ ମଧ୍ୟରେ ୯୧ ରନ୍‌ର ଆଉ ଏକ ଉପଯୋଗୀ



ଭାଗୀଦାର ଦେଖିବାକୁ ମିଳିଥିଲା। ରାହୁଲ ୧୩୬ ରନ୍‌ର ପାଳି ଖେଳିଥିବାବେଳେ ଗିଲ୍ ୯୮ ରନ୍‌ରେ ଆଉଟ୍ ହୋଇ ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ।

ଶନିବାରର ଷଷ୍ଠ ଅପସାରଣ ବେଳକୁ ଋଷଭ ପନ୍ତ ନିଜର ଅର୍ଦ୍ଧଶତକ ପୂରଣ କରି ଅପରାଜିତ ଅଛନ୍ତି ଓ ତାଙ୍କ ସହ ଅଂଶୁଲ କମ୍ବୋଜ (୦*) ଅଛନ୍ତି। ରବିବାର ମ୍ୟାଚ୍‌ର ଚତୁର୍ଥ ଦିନ ହୋଇଥିବାବେଳେ ଭାରତ ନିଜର ଅଗ୍ରଣୀକୁ ଯଥାଶୀଘ୍ର ଆହୁରି ବଢାଇ ମ୍ୟାଚରେ ନିଜ ନିୟନ୍ତ୍ରଣକୁ ଦୃଢ କରିବାକୁ ଉଦ୍ୟମ କରିବ। ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ହେନେରି ନିକୋଲ୍ସ (୧୭୫* ରନ୍) ଓ ଗ୍ଲେନ ଫିଲିପ୍ସ (୧୧୮ ରନ୍) ବଳରେ ୩୬୮ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା।

ପାକିସ୍ତାନ କ୍ରିକେଟରେ ପୁଣି ହଟଚମଟ

ସେଣ୍ଟ୍ରାଲ କଣ୍ଟ୍ରାକ୍ଟରୁ ବାଦ୍ ପଡ଼ିଲେ ମହମ୍ମଦ ରିଜୱାନଙ୍କ ସମେତ ୩ ଷ୍ଟାର୍ ଖେଳାଳି

ନୂଆଦିଲ୍ଲୀ

ପାକିସ୍ତାନ କ୍ରିକେଟ୍‌ରେ ପୁଣି ହଟଚମଟ ସୃଷ୍ଟି ହୋଇଛି। ଦଳର ସ୍ଥିତି ସୁଧୁରିବାର ନାଁ ଧରୁନାହିଁ। ଏହାରି ମଧ୍ୟରେ ପାକିସ୍ତାନ କ୍ରିକେଟ ବୋର୍ଡ ନୂଆ ସେଣ୍ଟ୍ରାଲ କଣ୍ଟ୍ରାକ୍ଟ ତାଲିକା ଜାରି କରିଛି। ୨୦୨୬-୨୭ ସିଜିନ ପାଇଁ ମୋଟ ୩୮ ଜଣ ଖେଳାଳିଙ୍କୁ ଏହି ଚୁକ୍ତିରେ ସାମିଲ କରାଯାଇଛି। ତେବେ ବୋର୍ଡର କିଛି ନିଷ୍ପତ୍ତି ସମସ୍ତଙ୍କୁ ଚକିତ କରିଛି। ମହମ୍ମଦ ରିଜୱାନଙ୍କ ସମେତ ୩ ଜଣ ବଡ଼ ଖେଳାଳିଙ୍କୁ ସେଣ୍ଟ୍ରାଲ କଣ୍ଟ୍ରାକ୍ଟରୁ ବାଦ୍ ଦିଆଯାଇଛି। ରିଜୱାନ ପାକିସ୍ତାନ ଦଳର ଜଣେ ପ୍ରମୁଖ ଖେଳାଳି ହୋଇଥିବା ବେଳେ ଏହି ନିଷ୍ପତ୍ତି ତାଙ୍କ କ୍ୟାରିୟରକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛି।

ଗତଥର ପାକିସ୍ତାନ କ୍ରିକେଟ ବୋର୍ଡ ୩୦ ଜଣ ଖେଳାଳିଙ୍କୁ ସେଣ୍ଟ୍ରାଲ କଣ୍ଟ୍ରାକ୍ଟରେ ସାମିଲ କରିଥିଲା। ଏଥର ଏହି ସଂଖ୍ୟାକୁ ବୃଦ୍ଧି କରି ୩୮ କରାଯାଇଛି। ବିଭିନ୍ନ ବର୍ଗରେ ଯୁବ ଖେଳାଳିଙ୍କୁ ମଧ୍ୟ ସ୍ଥାନ ମିଳିଛି। ବୋର୍ଡ ଏହି ୩୮ ଜଣ ଖେଳାଳିଙ୍କୁ ୫ଟି ଭିନ୍ନ ବର୍ଗରେ ବିଭକ୍ତ କରିଛି।

ବିଜୟ ସହିତ ପଏଣ୍ଟ ଟେବୁଲର ଶୀର୍ଷରେ ପହଞ୍ଚିଲା ଭାରତ

ନୂଆଦିଲ୍ଲୀ

୨୦୨୬ ଏସିଆ କପ 'ରାଇଜିଂ ଷ୍ଟାର୍ସ' ଟୁର୍ଣ୍ଣାମେଣ୍ଟରେ ଭାରତ ଏକ ଚମତ୍କାର ଆରମ୍ଭ କରିଛି। ଦୋହାରେ ନେପାଳ ବିପକ୍ଷରେ ଖେଳାଯାଇଥିବା ଏକ ମ୍ୟାଚରେ, ଭାରତୀୟ କ୍ରିକେଟ ଦଳ ପ୍ରଥମେ ବ୍ୟାଟିଂ କରି ୩୩୨ ରନ ସଂଗ୍ରହ କରିଥିଲା; ଏହାର ଜବାବରେ ନେପାଳ ଦଳ ମାତ୍ର ୨୬ ରନରେ ଅଲ ଆଉଟ ହୋଇଯାଇଥିଲା। ଭାରତ ଏହି ମ୍ୟାଚରେ ୩୦୬ ରନର ବିଶାଳ ବିଜୟ ହାସଲ କରିଛି। ଏହି ଦମଦାର ବିଜୟ ପରେ, ଭାରତୀୟ ଦଳ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇଛି ଏବଂ ପାକିସ୍ତାନକୁ ପଛକୁ ଠେଲି ଦେଇଛି।

୨୦୨୬ ଏସିଆ କପ 'ରାଇଜିଂ ଷ୍ଟାର୍ସ'ରେ ନେପାଳ ବିପକ୍ଷରେ ଭାରତ 'ଏ' ଏକ ଚମତ୍କାର ବିଜୟ ହାସଲ କରିଛି, ଯାହା ପଏଣ୍ଟ ଟେବୁଲରେ ଦଳର ସ୍ଥିତିକୁ ମଜଭୁତ କରିଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ବର୍ତ୍ତମାନ ସୁଦ୍ଧା କେବଳ ଗୋଟିଏ ମ୍ୟାଚ ଖେଳିଛି ଏବଂ ସେଥିରେ ବିଜୟୀ



ହୋଇ ୨ ପଏଣ୍ଟ ହାସଲ କରିଛି; ଏହାର ନେଟ ରନ ରେଟ +୬.୧୨୦ ରହିଛି। ଅନ୍ୟପକ୍ଷରେ, ପାକିସ୍ତାନ 'ଏ' ଦଳ ବର୍ତ୍ତମାନ ଦ୍ୱିତୀୟ ସ୍ଥାନରେ ରହିଛି ଏବଂ ସେମାନଙ୍କର ନେଟ ରନ ରେଟ +୧.୨୨୦ ରହିଛି।

୨୦୨୬ ଏସିଆ କପ 'ରାଇଜିଂ ଷ୍ଟାର୍ସ' ଟୁର୍ଣ୍ଣାମେଣ୍ଟରେ ଭାରତୀୟ କ୍ରିକେଟ ଦଳ ଏକ ଚମତ୍କାର ପ୍ରଦର୍ଶନ କରି ୩୦୬ ରନରେ ବିଜୟ ହାସଲ କରିଛି। ଏହି ମ୍ୟାଚରେ କେବଳ ଟସଟି ନେପାଳ ସପକ୍ଷରେ ଯାଇଥିଲା; ଏହା ପରେ ସମ୍ପୂର୍ଣ୍ଣ ମ୍ୟାଚ ଉପରେ ଭାରତୀୟ ଦଳର ଦବଦବା ରହିଥିଲା। ଭାରତ ପକ୍ଷରୁ ଅଧିନାୟକ ତିଳକ ବର୍ମା ଏବଂ କୁମାର କୁଶାଗ୍ରା ଉଭୟ ଶତକ ଅର୍ଜନ କରିଥିଲେ, ଯାହା ଦଳକୁ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ ହରାଇ ମୋଟ ୩୩୨ ରନ ସଂଗ୍ରହ କରିବାରେ ସାହାଯ୍ୟ କରିଥିଲା।

୩୩୩ ରନର ଲକ୍ଷ୍ୟକୁ ପିଛା କରୁଥିବା ନେପାଳ ଦଳ ମାତ୍ର ୨୬ ରନରେ ଅଲଆଉଟ ହୋଇଯାଇଥିଲା ଏବଂ ସେମାନଙ୍କ ଇନିଂସ ୧୨ତମ ଓଭରରେ ଶେଷ ହୋଇଯାଇଥିଲା। ନେପାଳର କୌଣସି ବ୍ୟାଟର ଦୁଇ ଅଙ୍କ ବିଶିଷ୍ଟ ସ୍କୋର ମଧ୍ୟ ଛୁଇଁ ପାରିନଥିଲେ। ଫଳରେ, ଭାରତୀୟ ଦଳ ୩୦୬ ରନର ବିଶାଳ ବ୍ୟବଧାନରେ ମ୍ୟାଚ ଜିତି ନେଇଥିଲା।

୨୦୨୬ ଏସିଆ କପ 'ରାଇଜିଂ ଷ୍ଟାର୍ସ'ରେ, ଭାରତ 'ଏ' ଦଳ ନିଜର ପରବର୍ତ୍ତୀ ମ୍ୟାଚ ପାକିସ୍ତାନ 'ଏ' ବିପକ୍ଷରେ ଖେଳିବ। ଏହି ମୁକାବିଲା ନଭେମ୍ବର ୨୨ ରେ ଦୋହାରେ ଅନୁଷ୍ଠିତ ହେବ। ମ୍ୟାଚଟି ଅପରାହ୍ନ ୩ଟା ୩୦ (ସ୍ଥାନୀୟ ସମୟ) ରେ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି ଏବଂ ଉଭୟ ଦଳର ଅଧିନାୟକ ଅପରାହ୍ନ ୩ ଟାରେ ଟସ ପକାଇବା ପାଇଁ ପଡ଼ିଆକୁ ଓହ୍ଲାଇବେ। କେଉଁ ଦଳ ବିଜୟୀ ହେବ ତାହା ଦେଖିବା କୌତୁହଳପୂର୍ଣ୍ଣ ହେବ, କାରଣ ବିଜୟୀ ଦଳ ପଏଣ୍ଟ ଟେବୁଲରେ ଶୀର୍ଷ ସ୍ଥାନ ଅଧିକାର କରିବ।

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ହକି ମ୍ୟାଚ୍ ୨-୨ରେ ଡ୍ର' : ଶୃଙ୍ଖଳାରେ ୧-୦ରେ ଆଗୁଆ ଭାରତ

ଅକଲାଣ୍ଡ

ନ୍ୟୁଜିଲାଣ୍ଡ ବିପକ୍ଷରେ ଦମଦାର ପ୍ରଦର୍ଶନ ଜାରି ରଖିଛି ଭାରତୀୟ ପୁରୁଷ ହକି ଦଳ। ଶନିବାର ଖେଳାଯାଇଥିବା ତିନି ମ୍ୟାଚ୍ ବିଶିଷ୍ଟ ହକି ଶୃଙ୍ଖଳାର ଦ୍ୱିତୀୟ ମୁକାବିଲା ୨-୨ ଗୋଲ୍‌ରେ ଡ୍ର' ରହିଛି। ମ୍ୟାଚ୍‌ର ଶେଷ ମୁହୂର୍ତ୍ତରେ ଅଧିନାୟକ ସଞ୍ଜୟଙ୍କ ଚମତ୍କାର ଗୋଲ୍ ବଳରେ ପରାଜୟରୁ ବର୍ତ୍ତିଛି ଭାରତ। ଏହି ଡ୍ର' ସହ ଭାରତ ଶୃଙ୍ଖଳାରେ ୧-୦ରେ ଅଗ୍ରଣୀ ବଜାୟ ରଖିଛି।

ମ୍ୟାଚ୍ ଆରମ୍ଭରୁ ଉଭୟ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ତେବେ ୨୫ତମ ମିନିଟ୍‌ରେ ନ୍ୟୁଜିଲାଣ୍ଡର ଡିଲାନ୍ ଥୋମାସ୍ ପ୍ରଥମ ଗୋଲ୍ ଦେଇ ଘରୋଇ ଦଳକୁ ଅଗ୍ରଣୀ କରାଇଥିଲେ। ଏହାପରେ ଭାରତୀୟ ଖେଳାଳିମାନେ ଗୋଲ୍ ପରିଶୋଧ କରିବାକୁ ଜୋରଦାର ପ୍ରୟାସ କରିଥିଲେ। ୩୫ତମ ମିନିଟ୍‌ରେ ଅଙ୍ଗଦ ବୀର



ସିଂହ ଗୋଲ୍ ଦେଇ ମ୍ୟାଚ୍‌କୁ ୧-୧ ସ୍ଥିତିକୁ ଆଣିଥିଲେ।

ଏହାପରେ ଉଭୟ ଦଳ ମଧ୍ୟରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ଅଧିନାୟକ ସଞ୍ଜୟ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ନ୍ୟୁଜିଲାଣ୍ଡର ବିଜୟ ଆଶାରେ ପାଣି ପକାଇ ଦେଇଥିଲେ।

ଉଲ୍ଲେଖଯୋଗ୍ୟ, ନଭେମ୍ବର ୧୯ରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ୩-୨ ଗୋଲ୍‌ରେ ବିଜୟୀ ହୋଇଥିଲା। ରବିବାର ଉଭୟ ଦଳ ମଧ୍ୟରେ ଶୃଙ୍ଖଳାର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ଭାରତର ଲକ୍ଷ୍ୟ ରହିବ ଶୃଙ୍ଖଳା ବିଜୟ।

୧୯୨୬ ମସିହାରେ ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦ ସାମିଲ ଥିବା ଭାରତୀୟ ସେନା ହକି ଦଳ ନ୍ୟୁଜିଲାଣ୍ଡ ଗସ୍ତ କରିଥିଲା। ସେହି ଐତିହାସିକ ଗସ୍ତର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଏହି ସ୍ୱତନ୍ତ୍ର ହକି ଶୃଙ୍ଖଳା ଆୟୋଜନ କରାଯାଇଛି। ଏହା ଦୁଇ ଦେଶ ମଧ୍ୟରେ କ୍ରୀଡ଼ା ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନାରେ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା

ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଫଟାମୁଣ୍ଡା ଠାରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ମିଳିତ ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡୁଙ୍ଗୁରିପାଲି ବ୍ଲକର ଡୁଙ୍ଗୁରିପାଲି, ସହଲା, ଚିନାଯୁରି ଓ ଚେରୁପାଲି ଏହିପରି ୪ଟି କ୍ଲଷ୍ଟର ର ୨୧୪ ଜଣ ଛାତ୍ରଛାତ୍ରୀମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥି ମଧ୍ୟରୁ ୧୩୭ ଜଣ ଛାତ୍ରଛାତ୍ରୀମାନଙ୍କୁ ପରବର୍ତ୍ତୀ ସମୟରେ ଚଷମା ପ୍ରଦାନ କରାଯିବ । ୮ ଜଣ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସୁବର୍ଣ୍ଣପୁରକୁ ଉତ୍ତମ ଚିକିତ୍ସା ପାଇଁ ଯିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଫଟାମୁଣ୍ଡାର ଅଧ୍ୟକ୍ଷ ହିମାଂଶୁ ଜୁଅଁର ଉକ୍ତ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଚକ୍ଷୁ ଅଧିକାରୀ ବିଦ୍ୟାଧର ସାହୁ ଓ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲି ଚକ୍ଷୁ ସହାୟକ ଅନ୍ତର୍ଯ୍ୟାମୀ ନାୟକ ଓ ନମେଶ୍ୱର ବଗର୍ତ୍ତୀ ଛାତ୍ରଛାତ୍ରୀମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶେଷଦେବ ଥାନାପତି କାର୍ଯ୍ୟକ୍ରମକୁ ପରିଦର୍ଶନ କରିଥିଲେ।

ଆଇସିସି ଜାରି କଲା ୨୦୩୫ ପର୍ଯ୍ୟନ୍ତ କ୍ରିକେଟ୍ କ୍ୟାଲେଣ୍ଡର

ଭାରତରେ ଖେଳାଯିବ ୨୦୨୯ ଚାମ୍ପିଅନ୍ସ ଟ୍ରଫି ଓ ୨୦୩୧ ଦିନିକିଆ ବିଶ୍ୱକପ

ନୂଆଦିଲ୍ଲୀ

ଭାରତୀୟ କ୍ରିକେଟ୍ ପ୍ରଶଂସକଙ୍କ ପାଇଁ ଏକ ବଡ଼ ଖୁସି ଖବର ସାମ୍ନାକୁ ଆସିଛି। ଆଗାମୀ ବର୍ଷଗୁଡ଼ିକରେ ଅନେକ ବଡ଼ ଟୁର୍ଣ୍ଣାମେଣ୍ଟର ରୋମାଞ୍ଚ ଭାରତରେ ହିଁ ଦେଖିବାକୁ ମିଳିବ। ଇଣ୍ଟରନ୍ୟାସନାଲ କ୍ରିକେଟ୍ କାଉନସିଲ୍ ଅର୍ଥାତ୍ ଆଇସିସି ୨୦୩୫ ମସିହା ପର୍ଯ୍ୟନ୍ତ ପୁରୁଷ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର କ୍ୟାଲେଣ୍ଡର ଚୂଡ଼ାନ୍ତ କରିଛି। ଏହା ଅଧୀନରେ ଭାରତକୁ ୨୦୨୯ ଚାମ୍ପିଅନ୍ସ ଟ୍ରଫିର ଆୟୋଜନ ଦାୟିତ୍ୱ ଦିଆଯାଇଥିବା ବେଳେ, ୨୦୩୧ ଦିନିକିଆ ବିଶ୍ୱକପର ଆୟୋଜନ ଭାରତ ଏବଂ ବାଂଲାଦେଶ ମିଳିତ ଭାବେ କରିବେ। ଇଣ୍ଡୋନେସିଆର ବାଲିଠାରେ ଅନୁଷ୍ଠିତ ଆଇସିସି ବୋର୍ଡ ବୈଠକରେ ଏହି ବଡ଼ ଆୟୋଜନଗୁଡ଼ିକର ସେଡ୍ୟୁଲ ଏବଂ ଯୋଗ୍ୟତା ସମ୍ବନ୍ଧୀୟ ନିଷ୍ପତ୍ତି ନିଆଯାଇଛି।

ଆଇସିସି ପୁରୁଷ କ୍ରିକେଟର ପ୍ରମୁଖ ଟୁର୍ଣ୍ଣାମେଣ୍ଟଗୁଡ଼ିକର କାର୍ଯ୍ୟସୂଚୀ ଜାରି କରିଛି। ଏହି ନିଷ୍ପତ୍ତି ଫଳରେ ଆଗାମୀ ଅନେକ ବର୍ଷର ଅନ୍ତର୍ଜାତୀୟ କ୍ରିକେଟ୍ କ୍ୟାଲେଣ୍ଡରର ଚିତ୍ର ସ୍ପଷ୍ଟ ହୋଇଯାଇଛି। ଭାରତ ପାଇଁ ଖାସ୍ କଥା ହେଉଛି ଯେ ଏହାକୁ ପୁଣି ଥରେ ଦୁଇଟି ବଡ଼ ଆଇସିସି ଇଭେଣ୍ଟର ଆୟୋଜନ କରିବାର ସୁଯୋଗ ମିଳିବ। ସେହିପରି ୨୦୨୮ ଏବଂ ୨୦୩୦ ଟି୨୦ ବିଶ୍ୱକପର ଆୟୋଜନ ସ୍ଥଳ ମଧ୍ୟ ଚୂଡ଼ାନ୍ତ କରାଯାଇଛି।

ଆଇସିସି ସିଇଓ ସଞ୍ଜୋଗ ଗୁପ୍ତା କହିଛନ୍ତି ଯେ, ବଡ଼ ଟୁର୍ଣ୍ଣାମେଣ୍ଟ ଆୟୋଜନ ବିଷୟରେ ଖେଳାଳି ଏବଂ ଆସୋସିଏଟ୍ ସଦସ୍ୟ ଦେଶଗୁଡ଼ିକୁ ପୂର୍ବରୁ ସୂଚନା ଦେବାର ଗୁରୁତ୍ୱକୁ ବୋର୍ଡ ବୁଝିପାରୁଛି। ଏହାଦ୍ୱାରା ଖେଳାଳିମାନଙ୍କୁ ନିଜର ପ୍ରସ୍ତୁତି ପାଇଁ ଉନ୍ନତ ଯୋଜନା କରିବାକୁ ଏବଂ ହାଇ-ପରଫର୍ମାନ୍ସ କାର୍ଯ୍ୟକ୍ରମଗୁଡ଼ିକୁ ମଜବୁତ କରିବାକୁ ସାହାଯ୍ୟ ମିଳିବ।

ଆଇସିସିର ନୂଆ କ୍ୟାଲେଣ୍ଡର ଅନୁଯାୟୀ, ଭାରତରେ ୯ ରୁ ୨୮ ଅକ୍ଟୋବର ୨୦୨୯ ପର୍ଯ୍ୟନ୍ତ ଚାମ୍ପିଅନ୍ସ ଟ୍ରଫିର ଆୟୋଜନ କରାଯିବ। ଏହା ବ୍ୟତୀତ ୨୦୩୧ ରେ ହେବାକୁ ଥିବା ଦିନିକିଆ ବିଶ୍ୱକପ୍ ଭାରତ ଏବଂ ବାଂଲାଦେଶର ମିଳିତ ଆୟୋଜନରେ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ୯ ଅକ୍ଟୋବରରୁ ୨୩ ନଭେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ଭାରତ ବ୍ୟତୀତ ଅନ୍ୟ ଦେଶଗୁଡ଼ିକୁ ମଧ୍ୟ ବଡ଼ ଟୁର୍ଣ୍ଣାମେଣ୍ଟର ଆୟୋଜନ ମିଳିଛି। ୨୦୨୮ ଟି୨୦ ବିଶ୍ୱକପ୍ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡରେ ୧୨ ଅକ୍ଟୋବରରୁ ୧୨ ନଭେମ୍ବର ପର୍ଯ୍ୟନ୍ତ ଖେଳାଯିବ। ସେହିପରି ୨୦୩୦ ଟି୨୦ ବିଶ୍ୱକପର ଆୟୋଜନ ଇଂଲଣ୍ଡ, ଆୟରଲାଣ୍ଡ ଓ ସ୍କଟଲାଣ୍ଡ ମିଳିତ ଭାବେ କରିବେ। ଏହି ଟୁର୍ଣ୍ଣାମେଣ୍ଟ ୪ ଜୁଲାଇରୁ ୪ ଅଗଷ୍ଟ ପର୍ଯ୍ୟନ୍ତ ଆୟୋଜିତ ହେବ। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଅର୍ଥାତ୍ ଡବ୍ଲ୍ୟୁଟିସି ଫାଇନାଲର ଆୟୋଜନ ଲଗାତାର ଭାବେ ଇଂଲଣ୍ଡ ପାଖରେ ରହିବ। ୨୦୨୮ର ଫାଇନାଲ ୮ରୁ ୧୨ ଜୁନ୍ ପର୍ଯ୍ୟନ୍ତ ଖେଳାଯିବ, ଯେତେବେଳେ କି ୨୦୩୧ ର ଟାଇଟଲ୍ ମୁକାବିଲା ୧୨ରୁ ୧୬ ଜୁନ୍ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ତେବେ ୨୦୩୨ରୁ ୨୦୩୫ ପର୍ଯ୍ୟନ୍ତ ଭେନ୍ୟୁ ଘୋଷଣା ଏପର୍ଯ୍ୟନ୍ତ କରାଯାଇନାହିଁ।

ଅନ୍ୟପଟେ ଅଲିମ୍ପିକ୍ସରେ କ୍ରିକେଟର ପ୍ରତ୍ୟାବର୍ତ୍ତନକୁ ନେଇ ମଧ୍ୟ ଆଇସିସି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛି। ଆମେରିକାର ଲସ୍ ଆଞ୍ଜେଲସରେ ୨୦୨୮ରେ ହେବାକୁ ଥିବା ଅଲିମ୍ପିକ୍ସ ଗେମ୍ସ ପାଇଁ କ୍ରିକେଟର କ୍ୱାଲିଫାଇଂ ମ୍ୟାଚ୍‌ଗୁଡ଼ିକ ବାଂଲାଦେଶ ଏବଂ ଆମେରିକାରେ ଆୟୋଜିତ ହେବ। ପୁରୁଷ ଦଳଗୁଡ଼ିକର କ୍ୱାଲିଫାୟର ୫ ରୁ ୧୩ ଫେବୃୟାରୀ ୨୦୨୮ ପର୍ଯ୍ୟନ୍ତ ବାଂଲାଦେଶରେ ଅନୁଷ୍ଠିତ ହେବାକୁ ଥିବାବେଳେ, ମହିଳା ଦଳଗୁଡ଼ିକର କ୍ୱାଲିଫାଇଂ ମୁକାବିଲା ୨୬ ଫେବୃୟାରୀରୁ ୫ ମାର୍ଚ୍ଚ ୨୦୨୮ ପର୍ଯ୍ୟନ୍ତ ଆମେରିକାରେ ଖେଳାଯିବ।

ଜେନାପୁର ଥାନା ଇଲାକାରେ ବଢ଼ି ଚାଲିଛି ଅପରାଧ : ଉଚ୍ଚ କର୍ତ୍ତୃପକ୍ଷ ନିଗବ କାହିଁକି ?

**ଧର୍ମଶାଳା, ନ୍ୟୁଜ ବ୍

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୨ ନଭେମ୍ବର, ୨୦୨୬ ରବିବାର



ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

'ଅକଓ୍ୱାନ୍'ରେ...

ହୋଇଥିବା ଏବଂ ଧାନ ଓଦା ହୋଇଯାଇଥିବା ଘଟଣା ନଜରକୁ ଆସିଛି। ଏଥିପାଇଁ କୃଷକମାନେ ଆଦୌ ବିଚଳିତ ନହେବାକୁ ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। କ୍ଷୟକ୍ଷତିର ସଠିକ୍ ଆକଳନ କରିବା ପାଇଁ ଆବଶ୍ୟକସ୍ଥଳେ ବରିଷ୍ଠ ଅଧିକାରୀମାନଙ୍କୁ କ୍ଷେତ୍ର ପରିଦର୍ଶନରେ ପଠାଯିବ। ଏସଡିଆରଏଫ୍ ଓ ଏନଡିଆରଏଫ୍ର ପ୍ରଚଳିତ ନିୟମାବଳୀ ଅନୁଯାୟୀ ଫସଲ କ୍ଷତି ପାଇଁ ଇନପୁଟ୍ ସବସିଡି ପ୍ରଦାନ ଏବଂ ଫସଲ ବୀମାଭୁକ୍ତ କୃଷକଙ୍କୁ ବୀମା କ୍ଷତିପୂରଣ ଯଥାଶୀଘ୍ର ମିଳିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ।

ଓଦା ହୋଇଥିବା ଧାନକୁ ଶୁଖାଇବା ତଥା ଏହାର ସୁରକ୍ଷା ପାଇଁ ମଧ୍ୟ ସରକାର ଆବଶ୍ୟକ ବ୍ୟବସ୍ଥା କରିବେ। କୌଣସି କୃଷକ ଯେପରି ଅସୁବିଧାରେ ନପଡ଼ନ୍ତି, ସେଥିପାଇଁ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବେ।

ସାମ୍ପ୍ରତିକ ବାତ୍ୟା ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲାରେ ଦେଖାଦେଇଥିବା ସମସ୍ୟା ଏବଂ ରାଜ୍ୟର ବିଭିନ୍ନ ନଦୀ ଅବବାହିକାରେ ବନ୍ୟାଜନିତ ସମସ୍ୟାକୁ ଗୁରୁତର ସହ ନେଇଛନ୍ତି ରାଜ୍ୟସରକାର। ଭବିଷ୍ୟତରେ ପ୍ରାକୃତିକ ବିପର୍ଯ୍ୟୟର ପ୍ରଭାବକୁ ସର୍ବନିମ୍ନ କରିବା ଏବଂ ଜନଜୀବନ, କୃଷି ଓ ଭିତ୍ତିଭୂମିର କ୍ଷତି ହ୍ରାସ କରିବା ଉଦ୍ଦେଶ୍ୟରେ ରାଜ୍ୟର ଆଠଟି ପ୍ରମୁଖ ନଦୀ ସିଷ୍ଟମକୁ ନେଇ ଖୁବ୍ ଶୀଘ୍ର ସ୍ୱତନ୍ତ୍ର ସମୀକ୍ଷା ବୈଠକ ଆୟୋଜନ କରାଯିବ।

ଏହି ବୈଠକଗୁଡ଼ିକରେ ଜଳସମ୍ପଦ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ସଂପୃକ୍ତ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଯୋଗଦେବେ। ମହାନଦୀ ନଦୀ ସିଷ୍ଟମ, ରେଙ୍ଗାଲି ଜଳଭଣ୍ଡାର ସିଷ୍ଟମ, ବ୍ରାହ୍ମଣୀ, ବୈତରଣୀ ଓ ଋଷିକୁଲ୍ୟା ନଦୀ ଅବବାହିକା ସମେତ ବିଭିନ୍ନ ନଦୀ ପ୍ରଣାଳୀର ସମସ୍ୟା ଓ ସମ୍ଭାବ୍ୟ ସମାଧାନ ଉପରେ ଆଲୋଚନା ହେବ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର ଏବଂ ଗଞ୍ଜାମ ଭଳି ଜିଲ୍ଲାରେ ବନ୍ୟା ଓ ନଦୀ ସହ ଜଡ଼ିତ ଅନ୍ୟାନ୍ୟ ସମସ୍ୟାର ସ୍ଥାୟୀ ସମାଧାନ ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯିବା ସହ ଏହି ସମ୍ବନ୍ଧରେ ବନ୍ୟା ପରବର୍ତ୍ତୀ ସମୀକ୍ଷା ପାଇଁ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଓସଡମା)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଏହି ନଦୀ ସିଷ୍ଟମଗୁଡ଼ିକୁ ନେଇ ବିସ୍ତୃତ ଆଲୋଚନାରେ ବିଗତ ବର୍ଷଗୁଡ଼ିକର ବନ୍ୟା ଓ ବାତ୍ୟାର ଅନୁଭୂତି, ଉପଲବ୍ଧ ତଥ୍ୟ ଓ ଡାଟାବେସ୍କୁ ଆଧାର କରି ଏକ ଦୀର୍ଘମିଆଦୀ କାର୍ଯ୍ୟଯୋଜନା ପ୍ରସ୍ତୁତ ହେବ। କେଉଁଠାରେ ନଦୀବନ୍ଧ, ତତ୍ ସମ୍ପର୍କିତ ଭିତ୍ତିଭୂମି ଓ ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଆବଶ୍ୟକ, କେଉଁଠାରେ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ଦ୍ୱାରା ବିପର୍ଯ୍ୟୟର ପ୍ରଭାବ କମାଯାଇପାରିବ, ସେସବୁ ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ।

ଏହି ପ୍ରକ୍ରିୟାରେ ଆବଶ୍ୟକସ୍ଥଳେ ଆଇଆଇଟି ସମେତ ଅନ୍ୟାନ୍ୟ ପ୍ରତିଷ୍ଠିତ ବୈଷୟିକ ଓ ଗବେଷଣା ପ୍ରତିଷ୍ଠାନଗୁଡ଼ିକର ସହଯୋଗ ନିଆଯିବ। କ୍ରମାଗତ ବନ୍ୟା, ବାତ୍ୟା ପରି ବିପର୍ଯ୍ୟୟର ପ୍ରଭାବରେ ଫସଲ, ଘରଦ୍ୱାର ଓ ଭିତ୍ତିଭୂମିର କ୍ଷତି ସହ ଶିକ୍ଷାନୁଷ୍ଠାନ ବନ୍ଦ ରହିବା ଏବଂ ବିକାଶମୂଳକ କାର୍ଯ୍ୟକଳାପ ବାଧାପ୍ରାପ୍ତ ହେବା ଭଳି ସମସ୍ୟାର ସ୍ଥାୟୀ ସମାଧାନ ମଧ୍ୟ ଏହି ରୋଡମ୍ୟାପ୍ ର ଅନ୍ୟତମ ଲକ୍ଷ୍ୟ ରହିବ।

ପ୍ରକୃତିର ପରିବର୍ତ୍ତିତ ଆଚରଣ ଓ ବଢୁଥିବା ପ୍ରାକୃତିକ ବିପର୍ଯ୍ୟୟର ଆହ୍ୱାନକୁ ସାମ୍ନା କରିବା ପାଇଁ ଆମକୁ ଅଧିକ ସୁଦୃଢ଼, ବୈଜ୍ଞାନିକ ଓ ଦୀର୍ଘସ୍ଥାୟୀ ବ୍ୟବସ୍ଥା ଗଢ଼ିବାକୁ ପଡ଼ିବ। ରାଜ୍ୟ ସରକାର ଏ ଦିଗରେ ଏକ ସମନ୍ୱିତ ଓ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରିବାକୁ ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି।

୪,୯୮୮.୪୦ କୋଟି ...

ସୟଦ ଅତା ହସୈନନ୍, ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ, କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନ ଏବଂ ଉପମୁଖ୍ୟମନ୍ତ୍ରୀ ବିଜୟ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

ନିତୀଶ ସେତୁ ପାଟନାର କଚ୍ଚି ଦରଗାକୁ ବୈଶାଳୀ ଜିଲ୍ଲାର ବିଦୁପୁର ସହିତ ସଂଯୋଗ କରେ। ଏହାର ନିର୍ମାଣ ଦ୍ୱାରା ଦକ୍ଷିଣ ବିହାର ଏବଂ ଉତ୍ତର ବିହାର ମଧ୍ୟରେ ସଡ଼କ ସଂଯୋଗ ଆହୁରି ସୁଦୃଢ଼ ହେବ। ଏହା ଏକ ଛଅ ଲେନ୍ ବିଶିଷ୍ଟ ସେତୁ ଯାହା କେବୁଲ-ଷ୍ଟେଡ୍ ଟେକ୍ନୋଲୋଜି ଦ୍ୱାରା ନିର୍ମିତ। ଏହାକୁ ୪,୯୮୮.୪୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି।

ଏହି ପ୍ରକଳ୍ପର ଆନୁମାନିକ ଦୈର୍ଘ୍ୟ ମଧ୍ୟରେ ବର୍ଗ କି.ମି.ର ଏକ ମୁଖ୍ୟ ସେତୁ ଏବଂ ୧୦ କି.ମି.ର ପ୍ରବେଶ ପଥ ରହିଛି। ଏହା ପାଟନା ଜିଲ୍ଲାର ଏନ୍.ଏଚ୍.-୨୨ରେ ଥିବା କଚ୍ଚି ଦରଗାକୁ ବୈଶାଳୀ ଜିଲ୍ଲାର ଏନ୍.ଏଚ୍.-୩୨୨ରେ ଥିବା ବିଦୁପୁର ସହିତ ଯୋଡ଼ିଥାଏ। ଏହି ସେତୁ କାର୍ଯ୍ୟକ୍ଷମ ହେବା ଦ୍ୱାରା ଦୁଇ ଅଞ୍ଚଳ ମଧ୍ୟରେ ଯାତାୟାତ ସହଜ ହେବା ସହିତ ଉତ୍ତର ଏବଂ ଦକ୍ଷିଣ ବିହାର ମଧ୍ୟରେ ସଂଯୋଗକୁ ନୂତନ ଶକ୍ତି ମିଳିବ ବୋଲି ଆଶା କରାଯାଉଛି।

ଲକ୍ଷ୍ମୀନାରାୟଣ ...

ଶ୍ରୀବିଗ୍ରହଙ୍କ ଲକ୍ଷ୍ମୀନାରାୟଣ ବେଶ ଅନୁଷ୍ଠିତ ହୋଇଯାଇଛି । ପଞ୍ଚୁକ ବ୍ରତ ପାଳନ ପାଇଁ ଶ୍ରୀକ୍ଷେତ୍ରରେ ଭିଡ଼ ଲାଗିଛି। ବ୍ରତ ପାଳନ ସହ ଠାକୁରଙ୍କ ଦୁର୍ଲଭ ବେଶ ଦର୍ଶନ କରିବାର ସୌଭାଗ୍ୟ ଲଭିବେ ଶ୍ରଦ୍ଧାଳୁ । ଚଳିତ ବର୍ଷ ପଞ୍ଚୁକ ୪ ଦିନ । ଏଥର ଦ୍ୱାଦଶୀ କ୍ଷୟ ପଡୁଥିବାରୁ ଠାକୁରଙ୍କ ବାଙ୍କଚୂଡ଼ ତଥା ବାବନ ବେଶ ହେବ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନର ପୂର୍ବ ସୂଚନା ରହିଛି । ଆଷାଢ଼ ଶୁକ୍ଳ ଏକାଦଶୀରେ ନିଦ୍ରା ଯାଇଥିଲେ ଶ୍ରୀହରି । ୪ ମାସ ପରେ ହରିଉତ୍ଥାପନ ଏକାଦଶୀ ଅବସରରେ ଠାକୁରେ ନିଦ୍ରାରୁ ଉଠିଛନ୍ତି। ବଡ଼ସିଂହାର ବେଶ ଓ ବଡ଼ସିଂହାର ଭୋଗ ପରେ ମହାପ୍ରଭୁଙ୍କର ଏହି ନୀତି ହୋଇଛି । ପଞ୍ଚୁକ ୫ଦିନରେ ଦାରୁଦେବତାଙ୍କର ଭିନ୍ନ ଭିନ୍ନ ବେଶ ହୋଇଥାଏ । ପ୍ରଥମ ଦିନ ଠାକୁରଙ୍କ ଲକ୍ଷ୍ମୀନାରାୟଣ ବେଶ ହୋଇଛି । ଅବକାଶ ନୀତି ପରେ ଠାକୁରଙ୍କ ବେଶ ଆରମ୍ଭ ହୋଇଥିଲା। ସ୍ୱର୍ଣ୍ଣ ଅଳଙ୍କାର, ପାଟବସ୍ତ୍ର ଓ ପୁଷ୍ପମାଲ୍ୟ ପରିଧାନ କରିଥିଲେ ଠାକୁରେ । ପୁଷ୍ପାଳକ ସେବକମାନେ ତିନି ଠାକୁରଙ୍କୁ ଲକ୍ଷ୍ମୀ ନାରାୟଣ ବେଶରେ ବିଭୂଷିତ କରିଥିଲେ । ଏହି ବେଶରେ ଶ୍ରୀବିଗ୍ରହ ଶ୍ରୀଭୁଜ ଓ ଶଙ୍ଖ, ଚକ୍ର, ହଳ ମୂଷଳ ଆଦି ଅଳଙ୍କାର ଧାରଣ କରିଥିଲେ । ଶ୍ରୀମସ୍ତକରେ ସ୍ୱର୍ଣ୍ଣ କିରୀଟ ଶୋଭା ପାଇଥିଲା । ବ୍ରତଧାରୀଙ୍କ ସମେତ ଶ୍ରଦ୍ଧାଳୁମାନେ ଏହି ବେଶରେ ଠାକୁରଙ୍କୁ ଦର୍ଶନ କରି କୃତାର୍ଥ ହୋଇଥିଲେ । କାର୍ତ୍ତିକ ମାସର ଧାର୍ଯ୍ୟ ନୀତି ନୀର୍ଘଣ୍ଟ ଅନୁସାରେ ଶ୍ରୀମନ୍ଦିର ଦ୍ୱାର ଫିଟା ପ୍ରାତଃ ୪ଟାରେ ହୋଇ ଠାକୁରଙ୍କ ନୀତି ଆଗେଇଥିଲା। ୨୨ ତାରିଖ ରବିବାର ତ୍ରୟୋଦଶୀରେ ମହାପ୍ରଭୁଙ୍କ ଡାଳିକିଆ ତଥା ତ୍ରିବିକ୍ରମ ବେଶ ହେବ । ସେଦିନ ଗରୁଡ଼ ଉତ୍ଥାପନ ନୀତି ହେବ । ୨୩ ତାରିଖ ସୋମବାର ଚତୁର୍ଦ୍ଦଶୀରେ ଠାକୁରଙ୍କ ଲକ୍ଷ୍ମୀନୃସିଂହ ବେଶ ହେବ । ୨୪ ତାରିଖ ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମହାପ୍ରଭୁ ରାଜାଧିରାଜ ବା ସୁନାବେଶରେ ବିଭୂଷିତ ହେବେ ।

ଭାରତର ୭%...

କରିଛନ୍ତି। ଦେଶର ଅର୍ଥନୈତିକ ସଂଖ୍ୟାଗୁଡ଼ିକ ଭଲ ଥିବା ସମୟରେ କେନ୍ଦ୍ରୀୟ ବ୍ୟାଙ୍କ ସୁଧ ହାର ବଢ଼ାଇବା ପରିବର୍ତ୍ତେ କମାଇବା ଆବଶ୍ୟକ।

ଏହି ପରିପ୍ରେକ୍ଷୀରେ ଟ୍ରମ୍ପ ଫେଡେରାଲ ରିଜର୍ଭର ପୂର୍ବତନ ଅଧ୍ୟକ୍ଷ ଆଲାନ ଗ୍ରିନସ୍ପାନଙ୍କ ଆଭିମୁଖ୍ୟକୁ ପ୍ରଶଂସା କରିଛନ୍ତି। ଅର୍ଥନୀତିର ସଂଖ୍ୟାଗୁଡ଼ିକ ଭଲ ଥିବାରୁ ସେ ଗ୍ରିନସ୍ପାନ ସୁଧହାର କମାଇଥାନ୍ତେ ବୋଲି ଟ୍ରମ୍ପ ମତ ଦେଇଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ଯଦି ତାଙ୍କ ପସନ୍ଦର ଆଭିମୁଖ୍ୟ ଗ୍ରହଣ କରନ୍ତା ତାହେଲେ ଆମେରିକା ଉଲ୍ଲେଖନୀୟ ଭାବେ ଉଚ୍ଚ ଅଭିବୃଦ୍ଧି ହାସଲ କରନ୍ତା ବୋଲି ସେ କହିଛନ୍ତି। ଆମେରିକାର ଜିଡିପି ଅଭିବୃଦ୍ଧି ୪ ପ୍ରତିଶତ ପରିବର୍ତ୍ତେ ୧୫ କିମ୍ବା ୨୦ ପ୍ରତିଶତ ହୋଇଥାନ୍ତା।

ରାଜ୍ୟସ୍ତରୀୟ ୧୨୭ତମ ଡ଼ ହରେକୃଷ୍ଣ ମହତାବ ଜୟନ୍ତୀ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ରାଜ୍ୟସ୍ତରୀୟ ୧୨୭ତମ ଡ଼ ହରେକୃଷ୍ଣ ମହତାବ ଜୟନ୍ତୀ ରାଜଧାନୀରେ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି । ପୂର୍ବାହ୍ନରେ ଜୟନ୍ତୀ କମିଟି ପକ୍ଷରୁ ପିଏମ୍‌ଜି ଛକଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ, ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନା, ବିଜେଡି ନେତ୍ରୀ ସୁଲତା ଦେଓ ଯୋଗଥିଲେ । ଏହି ଅବସରରେ ସେମାନେ କହିଥିଲେ ଯେ, ରାଜ୍ୟରେ ମହତାବଙ୍କ ଅବଦାନ ଅତୁଳନୀୟ। ତାଙ୍କ ଅବର୍ତ୍ତମାନରେ ସେ



କହିଯାଇଥିବା, କରିଯାଇଥିବା ଓ ଦେଖାଇଯାଇଥିବା ରାସ୍ତାକୁ ରାଜନୈତିକ ବ୍ୟକ୍ତି ଅନୁସରଣ କରୁଛନ୍ତି। ଏବେ ସମାଜରେ ଖଣ୍ଡା ତଳୱାର ଦରକାର ନାହିଁ, ସ୍ୱାଧିନତା ଭାରତରେ ସ୍ୱର ଉତଳନ କରି ନିଜର ହକ୍ ଆଦାୟ କରିବାକୁ ହେବ । ଜୟନ୍ତୀ କମିଟିର ସାଧାରଣ ସମ୍ପାଦକ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଏଡି ଉତ୍ସବରେ ୧୭ଜଣଙ୍କୁ ଡ଼ ମହତାବ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ଯୁବ ନେତା ସଂଗ୍ରାମ କେଶୋରୀ ପାଇକରାୟ ଧନ୍ୟବାଦ ପ୍ରଦାନ କରିଥିଲେ । ପିଏମ୍‌ଜି ଛକରୁ ୪୫ଟି ପାଇକ ଦଳ କଳା କୌଶଳ ପଦର୍ଶନ କରି ମାଉସି'ମା ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରା କରିଯାଇଥିଲେ । ସେଠାରେ ଜୟନ୍ତୀ କମିଟି ସମ୍ପାଦକ ଶ୍ରୀ ରାଉତରାୟ, ସଂଗ୍ରାମ ପାଇକରାୟ, ସାମ୍ବାଦିକ ସନତ ମିଶ୍ର, କ୍ୟାପଟେନ୍ ମନ୍ମଥ ରାଉତ୍‌ରାୟ, ସିଦ୍ଧାର୍ଥ ରାଉତରାୟ, ଗଦାଧର ଦାସ, ଯୋଗେନ୍ଦ୍ର ପ୍ରଧାନ, ଶ୍ରୀବତ୍ସ ପତି, ବାବନ ମହାପାତ୍ର, ପ୍ରକାଶ ଜେନା, ପ୍ରକାଶ ମହାନ୍ତି, ନିଳମଣୀ ମିଶ୍ର ପ୍ରମୁଖ ବିଭିନ୍ନ ପାଇକ ଦଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

ଜଗତସିଂହପୁର ବିଧାୟକଙ୍କ ବାତ୍ୟା ଆଶ୍ରୟ ସ୍ଥଳ ପରିଦର୍ଶନ



ଜଗତସିଂହପୁର, ନ୍ୟୁଜ ବ୍ୟୁରୋ

ସାମ୍ଭାବ୍ୟ ବାତ୍ୟା ଅକଭନରେ ଯେପରି କେହି ଅସୁବିଧାରେ ନ ପଡ଼ନ୍ତି ସେଥି ପ୍ରତି ବ୍ଲକ ପ୍ରଶାସନ ପକ୍ଷରୁ ବାତ୍ୟା ଆଶ୍ରୟ କେନ୍ଦ୍ର ବ୍ଲକର ବିଭିନ୍ନ ଜାଗାରେ ଖୋଲିଛି । ଏହି କେନ୍ଦ୍ର ରେ ତଥା ଜଗତସିଂହପୁର ବ୍ଲକର ଆଳିପିଙ୍ଗଳ, ପଟ୍ଟସରା, ମଣ୍ଡାସାହି, ସଭାମୂଳ, ରମ୍ଭାଦେଇପୁର, ଜଗତସିଂହପୁର ପୌର ପରିଷଦ ୱାର୍ଡ ୨ର ବଡ଼ବାଗ ସ୍କୁଲ, ଖେରସ, ନାଉଁଗା ବ୍ଲକ ର ଅଲଣା ପଞ୍ଚାୟତ, ଘୋଡ଼ାଂଶ, ଶିଖରରେ ରହିଥିବା ଜନସାଧାରଣଙ୍କୁ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଭେଟି ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି । ଏହା ସହ ସମ୍ଭାବ୍ୟ ବାତ୍ୟା ରେ ସୁରକ୍ଷିତ ରହିବା ପାଇଁ ପ୍ରଶାସନ ସର୍ବଦା ସଜାଗ ଅଛନ୍ତି ବ୍ୟସ୍ତ ନ ହେବା ପାଇଁ ପରାମର୍ଶ ଦେଇଛନ୍ତି । ଏହି ସମୟ ରେ ଜଗତସିଂହପୁର ବିଡ଼ିଓ ଆଶୁତୋଷ ମିଶ୍ରଙ୍କ ସମେତ ନାଉଗାଁ ବ୍ଲକ ପ୍ରଶାସନ କର୍ମଚାରୀ ପୁଲିସ ଉପସ୍ଥିତ ଥିଲେ ।

ଝିନତାଇ ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ୍ ଓ ୨୦ ହଜାର ଟଙ୍କା ଲେଖାଏଁ ଜରିମାନା

କଟକ, ନ୍ୟୁଜ ବ୍ୟୁରୋ

ରାସ୍ତାରେ ମହିଳାଙ୍କଠାରୁ ସୁନା ଲକେଟ୍ ଲୁଟ୍ ଉଦ୍ୟମ ମାମଲାରେ କୋର୍ଟଙ୍କ କଠୋର ରାୟ। ଏହି ଘଟଣାରେ ସମ୍ପୃକ୍ତ ଜଣେ କିନ୍ନର ଓ ତାଙ୍କ ସହଯୋଗୀଙ୍କୁ ପାଞ୍ଚ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ମିଳିଛି । ଏଥିସହ ଉଭୟଙ୍କ ଉପରେ ୨୦ ହଜାର ଟଙ୍କା ଲେଖାଏଁ ଜରିମାନା ମଧ୍ୟ ଧାର୍ଯ୍ୟ କରାଯାଇଛି । କଟକ ସ୍ପେଶାଲ ଓପିଆଇଡି କୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି। ଘଟଣାଟି ଗତ ଜୁନ୍ ୧ ତାରିଖର। କଟକ ଦେବୀଗଡ଼ ଅଞ୍ଚଳରେ ମାଆ ଓ ଝିଅ ବାଇକ୍‌ରେ ଯାଉଥିବା ବେଳେ ଦୁଇ ଜଣ ଅନ୍ୟ ଏକ ବାଇକ୍‌ରେ ସେମାନଙ୍କୁ ପିଛା କରିଥିଲେ। ସୁଯୋଗ ଦେଖି ଝିଅଙ୍କ ବେକରୁ ସୁନା ଲକେଟ୍ ଛଡ଼ାଇ ନେଇ ଖସିଯିବାକୁ ଉଦ୍ୟମ କରିଥିଲେ। ତେବେ ସେମାନଙ୍କ ଉଦ୍ୟମ ବିଫଳ ହୋଇଥିଲା। ଘଟଣାସ୍ଥଳରେ ଉପସ୍ଥିତ ଲୋକେ ଦୁଇ ଜଣଙ୍କୁ ଅଟକ ରଖି ପୁଲିସକୁ ଖବର ଦେଇଥିଲେ। ପରେ ପୁରୀଘାଟ ଥାନା ପୁଲିସ ଉଭୟଙ୍କୁ ହେପାଜତକୁ ନେଇ ମାମଲାର ତଦନ୍ତ କରିଥିଲା। ଦୀର୍ଘ ବିଚାର ପ୍ରକ୍ରିୟା ପରେ କୋର୍ଟରେ ଉପସ୍ଥାପିତ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ଶିବାନୀ ପାଣି ଏବଂ ବାବୁ ନାୟକଙ୍କୁ ଦୋଷୀ ଘୋଷଣା କରାଯାଇଛି । ମାମଲାରେ ୬ ଜଣଙ୍କ ସାକ୍ଷ୍ୟକୁ ବିଚାରକୁ ନେଇ କୋର୍ଟ ଉଭୟଙ୍କୁ ପାଞ୍ଚ ବର୍ଷର ସଶ୍ରମ କାରାଦଣ୍ଡ ସହ ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି।

ଭୁବନେଶ୍ୱରରେ 'ରୀତା ପେଶଓ୍ୱାରିଆ ବକ୍ତୃତା ପୁରସ୍କାର ସମାରୋହ'

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଭୁବନେଶ୍ୱରସ୍ଥିତ ଚେତନା ଅନୁଷ୍ଠାନ ପରିସରରେ ମର୍ଯ୍ୟାଦାଜନକ 'ରୀତା ପେଶଓ୍ୱାରିଆ ବକ୍ତୃତା ପୁରସ୍କାର ସମାରୋହ' ଆୟୋଜିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ମାନ୍ୟବର ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗର ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇଥିଲେ। ଚଳିତ ବର୍ଷ ସ୍ୱତନ୍ତ୍ର ଶିକ୍ଷା କ୍ଷେତ୍ରରେ ବୃତ୍ତିଗତ ବିକାଶକୁ ପ୍ରୋତ୍ସାହନ ଦେବା ସହ ଦିବ୍ୟାଙ୍ଗ ଶିଶୁମାନଙ୍କ ଶିକ୍ଷା, ଉନ୍ନତି ଓ ସଶକ୍ତିକରଣ ଦିଗରେ ଅତୁଳନୀୟ ଅବଦାନ ପାଇଁ ମୁୟାଇସ୍ଥିତ ଏସ୍.ଏନ୍.ଡି.ଟି. ମହିଳା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡଃ ରୁବିନା ଶଙ୍କର ଲାଲଙ୍କୁ ଏହି ପୁରସ୍କାରର ୧୩ତମ ବିଜେତା ଭାବେ ସମ୍ମାନିତ କରାଯାଇଥିଲା। ଏହି ସମାରୋହରେ ଚେତନା ଅନୁଷ୍ଠାନର ଉପସଭାପତି ପ୍ରଫେସର ବସନ୍ତ କୁମାର ଦାସ, ସାଧାରଣ ସମ୍ପାଦକ ଡଃ ନାରାୟଣ ଚନ୍ଦ୍ର ପତି, ରୀତା ପେଶଓ୍ୱାରିଆ ସ୍ୱଳୀନତା ବିଦ୍ୟାଳୟର ପ୍ରତିଷ୍ଠାତା ଡଃ ସିମି ସଟ୍ଟୁ ଏବଂ ଶ୍ରୀ ଭି.କେ. ମେନନ୍ ଉପସ୍ଥିତ ଥିଲେ। ଏଥିସହ ସ୍ୱତନ୍ତ୍ର ଶିକ୍ଷକ ସଂଗଠନର ସମ୍ପାଦକ ଶ୍ରୀ ଆୟୁଷ୍ମାନ ଚୌଧୁରୀ ମଧ୍ୟ ଯୋଗଦେଇଥିଲେ। ଭାରତର ପ୍ରଥମ ମହିଳା ଭାରତୀୟ ପୁଲିସ ସେବା (ଆଇପିଏସ୍) ଅଧିକାରୀ ତଥା ପୁଡୁଚେରୀର ଉପରାଜ୍ୟପାଳ ଡଃ କିରଣ ବେଦୀ ଆଭାସୀ ମାଧ୍ୟମରେ ଯୋଗଦେଇ ନିଜର ମୂଲ୍ୟବାନ ଅଭିଭାଷଣ ରଖିବା ସହ ସମାରୋହର ଗରିମା ବୃଦ୍ଧି କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଚେତନା ସ୍ୱତନ୍ତ୍ର ଶିକ୍ଷା ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ବିନୟ ଭୂଷଣ ମହାପାତ୍ର, ଉପାଧ୍ୟକ୍ଷ ଶ୍ରୀ ଲଲାଟେନ୍ଦୁ କର, ଶିକ୍ଷା ବିଭାଗୀୟ ମୁଖ୍ୟ ଡଃ ଭାଗିରଥୀ ମହାପାତ୍ର ଏବଂ ମନୋବିଜ୍ଞାନ ବିଭାଗୀୟ ମୁଖ୍ୟ ଡଃ ବିଚିତ୍ରାନନ୍ଦ ସ୍ୱାଇଁ ପରିଚାଳନା କରିଥିଲେ। ଦିବ୍ୟାଙ୍ଗ ଶିଶୁମାନଙ୍କ ଶିକ୍ଷା, ଉନ୍ନତି, ସମାନ ସୁଯୋଗ ଓ ସମାବେଶୀ ସମାଜ ଗଠନ ଦିଗରେ ଚେତନା ଅନୁଷ୍ଠାନର ନିରନ୍ତର ପ୍ରୟାସ ସମାଜ ପାଇଁ ଏକ ପ୍ରେରଣାଦାୟକ ଉଦାହରଣ ବୋଲି ଉପସ୍ଥିତ ଅତିଥି ଓ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ।

ରୁଫ୍‌ଟପ୍ ସୋଲାର ସ୍ଥାପନକୁ ପ୍ରୋତ୍ସାହନ ଲାଗି ଟିପିଡବ୍ଲ୍ୟୁଓଡିଏଲ୍ ଦ୍ୱାରା ପଶ୍ଚିମ ଓଡ଼ିଶାର ୩୮୪ଟି ସ୍ୱାୟତ୍ତ ଶାସନ ସଂସ୍ଥାକୁ ୨୦.୦୩ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ

ବୁର୍ଲା/ ସମ୍ବଲପୁର ନ୍ୟୁଜ୍ ବ୍ୟୁରୋ

ସବୁଜ ଶକ୍ତି ଦିଗରେ ଅଗ୍ରସର ହେବା ପ୍ରକ୍ରିୟାରେ ସଂପ୍ରଦାୟର ସକ୍ରିୟ ଅଂଶଗ୍ରହଣକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ

ଶନିବାର ସଂଖ୍ୟା

ଭୁବନେଶ୍ୱର, ୨୨ ନଭେମ୍ବର, ରବିବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

ପାତାଳି ଶ୍ରୀକ୍ଷେତ୍ରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଲକ୍ଷ୍ମୀ ନାରାୟଣ ବେଶ

ସୁବର୍ଣ୍ଣପୁର, ୨୧/୧୧ ନ୍ୟୁଜ ବ୍ୟୁରୋ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାବନ ଲୀଳାକ୍ଷେତ୍ର ପାତାଳି ଶ୍ରୀକ୍ଷେତ୍ରରେ ଶନିବାର ପବିତ୍ର କାର୍ତ୍ତିକ ମାସ ଦେବୋତ୍ଥାପନ ବଡ଼ ଏକାଦଶୀ ଅବସରରେ ଶ୍ରୀଜୀଉମାନଙ୍କ ଲକ୍ଷ୍ମୀ ନାରାୟଣ (ଠିଆ କିଆ) ବେଶ ସମ୍ପନ୍ନ ହୋଇଯାଇଛି । ଶନିବାର ସକାଳୁ ଦ୍ୱାର ଫିଟା, ମଙ୍ଗଳ ଆଳତୀ, ସୂର୍ଯ୍ୟ ଅର୍ଘ୍ୟ, ଦ୍ୱାରପାଳ ପୂଜା, ଖେଚୁଡ଼ି ଭୋଗ ପରେ ଶ୍ରୀଜୀଉମାନଙ୍କୁ ବେଶ କରାଯାଇଥିଲା । ପରେ ପରେ ଭକ୍ତମାନଙ୍କୁ ଦର୍ଶନର ସୁଯୋଗ ଦିଆଯାଇଥିଲା । ବହୁ ସଂଖ୍ୟାରେ ଭକ୍ତ ଦର୍ଶନାର୍ଥୀ ମହାପ୍ରଭୁଙ୍କ ଏହି ଦିବ୍ୟ ବେଶ ଦର୍ଶନ କରି ବିଭୁ କୃପା ଲାଭ କରିଥିଲେ । ଏ ଅବସରରେ ସକାଳୁ ଏବଂ ସନ୍ଧ୍ୟାରେ ଠାକୁରଙ୍କୁ ବହୁ ଭକ୍ତ ବଡ଼ ଆଳତି ପ୍ରଦାନ କରିଥିଲେ । ପବିତ୍ର କାର୍ତ୍ତିକ ପଞ୍ଚୁକ ପର୍ବ ଚାଲିଥିବା ବେଳେ ବହୁ ସଂଖ୍ୟାରେ ହବିଷ୍ୟାଳି ଠାକୁରଙ୍କ ଦର୍ଶନ କରିବା ଦେଖିବାକୁ ମିଳିଥିଲା । ଆସନ୍ତା ରାସ ପୂର୍ଣ୍ଣିମା ପର୍ଯ୍ୟନ୍ତ ଠାକୁରଙ୍କ ବିଭିନ୍ନ ବେଶ ଅନୁଷ୍ଠିତ ହେବା ସହ ଆସନ୍ତା ୨୪ ତାରିଖରେ ପୂର୍ଣ୍ଣିମା ଦିନ ଶ୍ରୀଜୀଉମାନଙ୍କ ରାଜରାଜେଶ୍ୱର (ସୁନା) ବେଶ ଅନୁଷ୍ଠିତ ହେବ । ଟ୍ରଷ୍ଟର ବରିଷ୍ଠ ସଦସ୍ୟ ତଥା କାର୍ଯ୍ୟକ୍ରମ ସଂଯୋଜକ ପୂର୍ଣଚନ୍ଦ୍ର ପାଢ଼ୀଙ୍କ ସଂଯୋଜନାରେ ପୂଜକ ଗୁଣାକର ପଣ୍ଡା, ଜଗନ୍ନାଥ ହୋତା ଠାକୁରଙ୍କ ବେଶ ତଥା ନୀତି ସମ୍ପାଦନ କରୁଛନ୍ତି ।

ପଞ୍ଚୁକକୁ ନେଇ ଦ୍ୱନ୍ଦ୍ୱ : ୨୪ରେ ବୋଇତ ବନ୍ଦାଣ ଓ କାର୍ତ୍ତିକ ପୂର୍ଣ୍ଣିମା

ଭୁବନେଶ୍ୱର,୨୧/୧୧ ନ୍ୟୁଜ ବ୍ୟୁରୋ

ଏଥର ଚାରିଦିନ ପାଳନ ହେବ ପଞ୍ଚୁକ । ୨୧ରେ ଏକାଦଶୀ ବା ପଞ୍ଚୁକ ଆରମ୍ଭ ହୋଇଛି । ସକାଳ ୬ଟା ୩୨ ସୁଦ୍ଧା ଏକାଦଶୀ ତିଥି ସରିଯାଇଛି । ଗୋଟିଏ ଦିନରେ ଏକାଦଶୀ, ଦ୍ୱାଦଶୀ ପଡୁଛି । ୨୨ରେ ତ୍ରୟୋଦଶୀ ତିଥି ଆରମ୍ଭ । ୨୩ରେ ଅଧା ଚତୁର୍ଦ୍ଦଶୀ ସହ ପୂର୍ଣ୍ଣିମା ପଡୁଛି । ୨୪ତାରିଖରେ ସମ୍ପୂର୍ଣ୍ଣ ପୂର୍ଣ୍ଣିମା ପଡୁଥିବାରୁ ପାଳନ ହେବ ଡଙ୍ଗା ଭସା । ଦୁଇ ଦିନିଆ ତିଥି ବର୍ଷକର ଅଧିକାଂଶ ପାର୍ବଣରେ ପଡ଼ିବାକୁ ନେଇ ଲୋକେ ଦ୍ୱନ୍ଦ୍ୱରେ ପଡୁଛନ୍ତି । ସାଧାରଣତଃ ପଞ୍ଚୁକ ୫ଦିନ ପଡ଼ିଥାଏ । ହେଲେ ଏଥର ଚାରି ଦିନ ପଞ୍ଚୁକ ପର୍ବ ପାଳନ କରାଯିବ । ୨୧ ତାରିଖ ଶନିବାରଠାରୁ ଚଉରାମୂଳେ ମୁରୁଜ ପଡ଼ିବା ଆରମ୍ଭ ହୋଇଛି । ଭଗବାନଙ୍କୁ ଦର୍ଶନ କରିବା ସହ ନିରାମିଷ ଭୋଜନ କରିବେ । ଲୋକେ ଏହି ୪ଦିନ ଆମିଷ ତ୍ୟାଗ କରି ବିନା ପିଆଜ ରସୁଣ ଖାଦ୍ୟ ଖାଇପାରିବେ । ଏହି ଦିନମାନଙ୍କରେ ଲକ୍ଷ୍ମୀ ନାରାୟଣଙ୍କୁ ପୂଜା କରିବା ସହିତ ମା' ବୃନ୍ଦାବତୀଙ୍କୁ ମଧ୍ୟ ପୂଜା କରାଯାଏ । ଖାଲି ସେତିକି ନୁହେଁ, ଚଉରା ସଫାସୁତୁରା ଓ ରଙ୍ଗଦେଇ ମୁରୁଜ ପକାଯାଇଥାଏ । ରାତି ୪ଟାରୁ ସ୍ନାନ ସାରି ଘରେ ଠାକୁରଙ୍କ ପୂଜା ସହ ଚଉରା ପୂଜା କରାଯାଏ । ପରେ ଶ୍ରଦ୍ଧାଳୁମାନେ ମନ୍ଦିର ଯାଇ ଦର୍ଶନ ସାରି ଆସି ଘରେ ମୁରୁଜ ପକାଇଥାନ୍ତି । ଡଙ୍ଗା ଭସା ପାଖେଇ ଆସୁଥିବାରୁ ହାଟବଜାରରେ ଡଙ୍ଗା ବିକ୍ରି ଆରମ୍ଭ ହୋଇଗଲାଣି । ମଙ୍ଗଳବାର ପ୍ରାତଃରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବ । ଏଥିପାଇଁ ବିଏମ୍‌ସି ପକ୍ଷରୁ ମଧ୍ୟ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି । ନୂଆପଲ୍ଲୀ ଗ୍ରାମର ଆରାଧ୍ୟ ଦେବ ବାଲୁଙ୍କେଶ୍ୱର ମହାଦେବଙ୍କ ପୁଷ୍କରିଣୀ, କପିଳେଶ୍ୱର ମନ୍ଦିର ସଂଲଗ୍ନ ମଣିକର୍ଣ୍ଣିକା ପୁଷ୍କରିଣୀ, ଧଉଳିସ୍ଥିତ ଲିଙ୍ଗିପୁର ନାଥପୁର ଘାଟ, ଦୟାନଦୀ ଶାନ୍ତିସ୍ତୂପ ନିକଟ ବହିରଙ୍ଗେଶ୍ୱର ମନ୍ଦିର ନିକଟ ଘାଟ, ଲକ୍ଷ୍ମୀସାଗର ମାଳିହନ୍ତା ପୋଖରୀ, ଚିନ୍ତାମଣିଶ୍ୱର ପୋଖରୀ, ବଡ଼ଗଡ଼ ଗାଁ ପୋଖରୀ, ବମିଖାଲ ମଠ ପୋଖରୀ, ଜାଗମରା ଜଗନ୍ନାଥ ମନ୍ଦିର ଭିତରେ ଥିବା ଜଳାଶୟ, ବରମୁଣ୍ଡା ପୋଖରୀ ସହ ଭୁବନେଶ୍ୱରର ବିଭିନ୍ନ ମନ୍ଦିର ଭିତରେ ଥିବା ଜଳାଶୟରେ ଡଙ୍ଗା ଭସା ଯିବ ।

ପୁରୀରେ ପଞ୍ଚୁକ ପାଇଁ ୫୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

ପୁରୀ, ୨୧/୧୧ ନ୍ୟୁଜ ବ୍ୟୁରୋ

ପବିତ୍ର ପଞ୍ଚୁକରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରକୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଛି । ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ସୁରକ୍ଷିତ ଦର୍ଶନ ଲାଗି ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ବଡ଼ଦାଣ୍ଡରେ ବ୍ୟାରିକେଡ଼ ଦେଇ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ସିଂହଦ୍ୱାରରେ କେବଳ ପ୍ରବେଶ କରିବେ । ଦର୍ଶନ ପରେ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରର ଉତ୍ତର, ପଶ୍ଚିମ ଓ ଦକ୍ଷିଣ ଦ୍ୱାର ଦେଇ ପ୍ରସ୍ଥାନ କରିବେ । ପଞ୍ଚୁକ ୪ ଦିନ ଶ୍ରଦ୍ଧାଳୁମାନେ କେବଳ ସିଂହ ଦ୍ୱାର ଦେଇ ପ୍ରବେଶ କରିବାର ବ୍ୟବସ୍ଥା ରହିଛି । ମନ୍ଦିର ଭିତରେ ଭିଡ ନିୟନ୍ତ୍ରଣ ପାଇଁ କ୍ୟୁଇରାନ୍ଟ ଟିମ୍ ମୁତୟନ କରାଯାଇଛି । ଶ୍ରଦ୍ଧାଳୁଙ୍କ ସୁରକ୍ଷା, ଭିଡ ନିୟନ୍ତ୍ରଣ ଓ ଟ୍ରାଫିକ ସୁପରିଚାଳନା ପାଇଁ ୫୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି । କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ୍ ନାୟକ କହିଛନ୍ତି ''ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ବଡଦାଣ୍ଡ ମାର୍କେଟ ଛକରୁ ସିଂହଦ୍ୱାର ବ୍ୟାରିକେଡ଼ ଯାଏ ୬ ଲେନ୍ ବ୍ୟାରିକେଡ଼ କରାଯାଇଛି । ଭିଡର ସୁଯୋଗ ନେଇ ଅନେକ ଅପରାଧୀ ବିଭିନ୍ନ ଅପରାଧ ଘଟାଇବା ନଜିର ରହିଛି । ଏଣୁ ଅପରାଧିଙ୍କ ଉପରେ ନଜର ରଖିବା ପାଇଁ ସାଧା ପୋଷାକରେ ପୋଲିସ୍ ମୁତୟନ କରାଯାଇଛି । ମନ୍ଦିର ଭିତରେ ଭିଡ ନିୟନ୍ତ୍ରଣ କରିବା ପାଇଁ କ୍ୟୁଇରାନ୍ଟ ଟିମ ରହିଛନ୍ତି''।

ଅନୁଗୋଳ ସ୍ମେଲଟର ବ୍ରାଉନଫିଲ୍ଡ ସମ୍ପ୍ରସାରଣ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ନିମନ୍ତେ ନାଲ୍‌କୋର ପଦକ୍ଷେପ





ଭୁବନେଶ୍ୱର, ୨୧/୧୧ ନ୍ୟୁଜ ବ୍ୟୁରୋ

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ପକ୍ଷରୁ ଅନୁଗୋଳ ସ୍ଥିତ ସ୍ମେଲଟରର ବ୍ରାଉନଫିଲ୍ଡ ସମ୍ପ୍ରସାରଣ ପ୍ରକଳ୍ପ ନିମନ୍ତେ ସଂଶ୍ଲିଷ୍ଟ ଶିଳ୍ପ ପ୍ରତିଷ୍ଠାନ ଏବଂ ସଂଗଠନଗୁଡ଼ିକଙ୍କ ସହ ଶୁକ୍ରବାର ଭୁବନେଶ୍ୱରଠାରେ ଏକ ପାରସ୍ପରିକ ଆଲୋଚନା ବୈଠକ ଆୟୋଜିତ ହୋଇଯାଇଛି । ଏହି ବୈଠକରେ ଭାରତ ତଥା ବିଦେଶର ପ୍ରାୟ ୪୦ଟି ସଂସ୍ଥାର ୧୪୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିଥିଲେ ଯେଉଁଥିରେ ପ୍ରଯୁକ୍ତିବିଦ୍ୟା ଅଂଶୀଦାର, ଉପକରଣ ନିର୍ମାତା, ଇପିସି ଠିକାଦାର ଏବଂ ପରାମର୍ଶଦାତା ସାମିଲ ଥିଲେ । ଏହି ଅବସରରେ ଉପସ୍ଥିତ ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି ନାଲ୍‌କୋର ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ଭାରତରେ ଆଲୁମିନିୟମ କ୍ଷେତ୍ରର ବ୍ୟାପକ ଅଭିବୃଦ୍ଧି ସମ୍ଭାବନା ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ଦେଶରେ ବାର୍ଷିକ ୧୦ ଲକ୍ଷ କୋଟିରୁ ଅଧିକ ଭିତ୍ତିଭୂମି ନିବେଶ ସହିତ ବିଦ୍ୟୁତ୍, ପରିବହନ, ଭିତ୍ତିଭୂମି, ପ୍ୟାକେଜିଂ, ବୈଦ୍ୟୁତିକ ଯାନବାହନ ଏବଂ ଗ୍ରାମୀଣ ବିଦ୍ୟୁତୀକରଣ ଭଳି କ୍ଷେତ୍ରରେ ବଢୁଥିବା ବ୍ୟବହାର ଯୋଗୁଁ ଆଗାମୀ ଦିନରେ ଆଲୁମିନିୟମର ଚାହିଦା ଯଥେଷ୍ଟ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ନାଲ୍‌କୋ ଅନୁଗୋଳ ସ୍ମେଲଟରର ବ୍ରାଉନଫିଲ୍ଡ ସମ୍ପ୍ରସାରଣ ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରି ବ୍ୟୟ ଏବଂ ସମୟସୀମାର ବ୍ୟତିକ୍ରମକୁ ଏଡ଼ାଇବା, ଘରୋଇ ମୂଲ୍ୟ ଅଭିବୃଦ୍ଧି, ସୁରକ୍ଷାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ଏବଂ ଗୁଣବତ୍ତା ପ୍ରତି ନିରନ୍ତର ପ୍ରତିବଦ୍ଧତା ଭଳି ବିଷୟ ଉପରେ ସେ ଗୁରୁତ୍ୱ ଦେଇଥିଲେ । ବାଣିଜ୍ୟିକ ସର୍ତ୍ତରେ କୌଣସି ବ୍ୟତିକ୍ରମ ନ ରଖିବା, ସମୟବଦ୍ଧ ଟେଣ୍ଡରିଂ-ଟୁ-ଅର୍ଡରିଂ, କାର୍ଯ୍ୟାବଳୀରେ ସ୍ୱଚ୍ଛତା ତଥା ଦେୟ ସର୍ତ୍ତାବଳୀ ଏବଂ ଏକ ଦୃଢ଼ ପ୍ୟାକେଜିଂ ବ୍ୟବସ୍ଥା ଇତ୍ୟାଦି ବିଷୟ ଉପରେ ମଧ୍ୟ ଗୁରୁତ୍ୱ ଆରୋପ କରିଥିଲେ । ସମ୍ବଳ, ପ୍ରଯୁକ୍ତିବିଦ୍ୟା ସହଭାଗୀତା ଏବଂ ସଂସ୍ଥାଗତ ପ୍ରତିବଦ୍ଧତା ଦୃଷ୍ଟିରୁ ନାଲ୍‌କୋର ପ୍ରସ୍ତୁତିକୁ ପୁନଃ ନିଶ୍ଚିତ କରି, ସେ ଶିଳ୍ପ ଅଂଶୀଦାରମାନଙ୍କୁ ନିର୍ଦ୍ଧାରିତ ବ୍ୟୟ, ସମୟସୀମା ତଥା ବିଶ୍ୱସ୍ତରୀୟ ମାନଦଣ୍ଡ ଅନୁଯାୟୀ ପ୍ରକଳ୍ପ ସଫଳ ହସ୍ତାନ୍ତର କରିବା ପାଇଁ ଆନ୍ତରିକ ସହଯୋଗର ମନୋଭାବ ପୋଷଣ କରିବା ଉପରେ ଜୋର ଦେଇଥିଲେ । ଜଗଦୀଶ ଆରୋରା, ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ) ନିଜ ବକ୍ତବ୍ୟରେ ନାଲ୍‌କୋର ପ୍ରଭାବଶାଳୀ ଯୋଜନା ଏବଂ ସୁଗମ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ପ୍ରକଳ୍ପ ପ୍ରସ୍ତୁତି ପର୍ଯ୍ୟାୟରୁ ହିଁ ଶିଳ୍ପ ଅଂଶୀଦାରମାନଙ୍କୁ ସାମିଲ କରିବାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । ସମନ୍ୱିତ ଆଲୁମିନିୟମ୍ ଉତ୍ପାଦନରେ ନାଲକୋର ଦୀର୍ଘ ଚାରି ଦଶନ୍ଧିର ଯାତ୍ରା ଉପରେ ଆଲୋକପାତ କରି ସେ କମ୍ପାନୀର ପରବର୍ତ୍ତୀ ପ୍ରମୁଖ ଅଭିବୃଦ୍ଧି ପଦକ୍ଷେପ ଉପରେ ସୂଚନା ପ୍ରଦାନ କାରିଥିଲେ । ଏମିରେଟ୍ସ ଗ୍ଲୋବାଲ୍ ଆଲୁମିନିୟମ୍‌ର ୪୭ଶୀ କେଏ ଯୁକ୍ତ ଉନ୍ନତ ଡି ଏକ୍ସ ପ୍ଲସ ଅଲୁ । ପ୍ରଯୁକ୍ତିବିଦ୍ୟାର ଉପଯୋଗ ମାଧ୍ୟମରେ ଅନୁଗୋଳ ସ୍ଥିତ ସ୍ମେଲ୍ଟରର ବ୍ରାଉନଫିଲ୍ଡ ସମ୍ପ୍ରସାରଣ ଦ୍ୱାରା ପ୍ରତିବର୍ଷ ୦.୫ ନିୟୁତ ଟନ୍ ଆଲୁମିୟମ ଉତ୍ପାଦିତ ହେବ । ସନ୍ତୁଳିତ ପ୍ୟାକେଜ୍ ଗଠନ, ସ୍ପଷ୍ଟ ଇଣ୍ଟରଫେସ୍, ବର୍ଦ୍ଧିତ ସ୍ଥାନୀୟକରଣ ଏବଂ ଦୀର୍ଘକାଳୀନ କାର୍ଯ୍ୟକ୍ଷମ ନିର୍ଭରଯୋଗ୍ୟତାକୁ ସେ ଗୁରୁତ୍ୱାରୋପ କରିଥିଲେ। ସେ ପ୍ୟାକେଜିଂ, ବାଣିଜ୍ୟିକ ନିୟମାବଳୀ, ଉପକରଣ ଉପଲବ୍ଧତା ସମୟ ପରିଚାଳନା, ଉତ୍ପାଦନ କ୍ଷମତା ଏବଂ ମେକ୍ ଇନ୍ ଇଣ୍ଡିଆ ସୁଯୋଗ କ୍ଷେତ୍ରରେ ଶିଳ୍ପ ସହଯୋଗୀ ଅଂଶଗ୍ରହଣକାରୀଙ୍କଠାରୁ ସ୍ପଷ୍ଟ ଏବଂ ଗଠନମୂଳକ ମତାମତ ଆମନ୍ତ୍ରଣ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଏହି ମତାମତ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ଏବଂ ପରବର୍ତ୍ତୀ ବିଡ୍ ଡକ୍ୟୁମେଣ୍ଟଗୁଡ଼ିକୁ ପ୍ରସ୍ତୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ବୈଠକ ସମୟରେ, ନାଲ୍‌କୋର ପ୍ରସ୍ତାବିତ ୦.୫ ଏମଟିପିଏ 'ବ୍ରାଉନ୍‌ଫିଲ୍ଡ' ସ୍ମେଲ୍ଟର ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ବୈଷୟିକ ଲାଇସେନ୍ସ ସହଯୋଗୀ ଅଂଶୀଦାର 'ଡୁବାଲ୍-ଇଜିଏ', ଏହି ପ୍ରକଳ୍ପ ଏବଂ ଏଥିପାଇଁ ପ୍ରସ୍ତାବିତ ଜ୍ଞାନକୌଶଳ ସମ୍ପର୍କରେ ନିଜର ମତାମତ ଉପସ୍ଥାପନ କରିଥିଲେ । ଏଥି ସହ, 'ଏମ୍.ଏନ୍. ଦସ୍ତୁର ଆଣ୍ଡ କୋ.' ପକ୍ଷରୁ ପ୍ରକଳ୍ପର ଏକ ବିସ୍ତୃତ ବିବରଣୀ ସହ 'ବିସ୍ତୃତ ପ୍ରକଳ୍ପ ରିପୋର୍ଟ'ର ସଦ୍ୟତମ ସ୍ଥିତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯାଇଥିଲା । ଫିବ୍ସ ସଲିଅସ, ରିଲ ଆଲେସା, ରିଧାମର, ପ୍ରପାରଜି, ହେର୍ଉ୍ଡିକ, ଏଲ ଆଣ୍ଡ ଟି, ଶପୁରଜି ପାଲୋନଜୀ ଗ୍ରୁପ, ଏଚସିସି, ଜିଇ ବେରୋନା, ଟେକମୋ, ହେନକୋନ ଏବଂ ଅନ୍ୟାନ୍ୟ ଅଗ୍ରଣୀ ବିଶ୍ୱସ୍ତରୀୟ ତଥା ଘରୋଇ ଶିଳ୍ପ ସହଯୋଗୀମାନଙ୍କ ଦ୍ୱାରା ବୈଷୟିକ ଉପସ୍ଥାପନା ଏବଂ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପସ୍ଥାପନ କରାଯାଇଥିଲା । ଏହି ଆଲୋଚନାରେ ଉପକରଣ ସମ୍ବନ୍ଧୀୟ ସମାଧାନ, ବାଣିଜ୍ୟିକ ଢାଞ୍ଚା, ପ୍ୟାକେଜ୍, ପ୍ରକଳ୍ପ ସଂଯୋଗ ଏବଂ ଘରୋଇ ଉତ୍ପାଦନ କ୍ଷମତାକୁ ସୁଦୃଢ଼ କରିବାର ସୁଯୋଗ ଭଳି ବିଭିନ୍ନ ଦିଗ ଉପରେ ବିସ୍ତୃତ ଚର୍ଚ୍ଚା କରାଯାଇଥିଲା। ଏହି ଆଲୋଚନା ଶିଳ୍ପ ଅଂଶୀଦାରମାନଙ୍କୁ ପ୍ରକଳ୍ପ ପ୍ୟାକେଜିଂ, ବାଣିଜ୍ୟିକ ଢାଞ୍ଚା, ସ୍ଥାନୀୟକରଣ ସୁଯୋଗ ଏବଂ କାର୍ଯ୍ୟାନ୍ୱୟନ ରଣନୀତି ଉପରେ ବିଚାର ବିମର୍ଶ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିଥିଲା, ଯାହାର ମୁଖ୍ୟ ଲକ୍ଷ୍ୟ ଏହି ସମ୍ପ୍ରସାରଣ ପ୍ରକଳ୍ପର ସମୟୋଚିତ ଏବଂ ମୂଲ୍ୟ-ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନକୁ ସୁନିଶ୍ଚିତ କରିବା । ନାଲ୍‌କୋର ମୁଖ୍ୟ ମହାପ୍ରବନ୍ଧକ (ପ୍ରକଳ୍ପ) କେ. ବିଜୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାଗୁଡ଼ିକ ସକାରାତ୍ମକ ଥିଲା ଏବଂ ମିଳିଥିବା ମତାମତ ନାଲ୍‌କୋକୁ ଏହାର ପ୍ରକଳ୍ପ ପ୍ୟାକେଜିଂ ନୀତି, ବାଣିଜ୍ୟିକ ଢାଞ୍ଚା ଏବଂ ସାମଗ୍ରିକ କାର୍ଯ୍ୟକାରୀ ରଣନୀତିକୁ ଆହୁରି ଉନ୍ନତ କରିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି । କମ୍ପାନୀ ୨୦୨୭ ମସିହା ଶେଷ ସୁଦ୍ଧା ପ୍ରମୁଖ ପ୍ରକଳ୍ପ ପ୍ୟାକେଜ୍‌ଗୁଡ଼ିକ ପାଇଁ ଅର୍ଡର ପ୍ରଦାନ କରିବା ଦିଗରେ ଅଗ୍ରସର ହେଉଛି । । ଏହି ପଦକ୍ଷେପ ନାଲ୍‌କୋର ବିକାଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ । ଏହା ଭାରତର ଘରୋଇ ଆଲୁମିନିୟମ୍ ଉତ୍ପାଦନ କ୍ଷମତାକୁ ସୁଦୃଢ଼ କରିବା ସହିତ ଓଡ଼ିଶାକୁ ଏକ ପ୍ରମୁଖ ଆଲୁମିନିୟମ୍ ହବ୍ ଭାବ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି ।

କିଟ୍ ଇଣ୍ଡରନ୍ୟାସନାଲ ସ୍କୁଲର ଜାତୀୟ ଶିଶୁ ସାହିତ୍ୟ ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, ୨୧ ।୧୧ ନ୍ୟୁଜ ବ୍ୟୁରୋ

କିଟ୍ ଇଣ୍ଡରନ୍ୟାସନାଲ ସ୍କୁଲର ବହୁ ପ୍ରତୀକ୍ଷିତ ୧୨ତମ ଜାତୀୟ ଶିଶୁ ସାହିତ୍ୟ ମହୋତ୍ସବ ୨୦୨୬ ଶନିବାର ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟଅତିଥିଭାବେ ଯୋଗଦେଇ ଭୁବନେଶ୍ୱର ସାଂସଦ ଅପରଜିତା ଷଡ଼ଙ୍ଗୀ କହିଲେ, ଛାତ୍ରଛାତ୍ରୀଙ୍କ ପାଇଁ ସେମାନଙ୍କ ଅନ୍ତର୍ନିହିତ ମେଧାର ଆବିଷ୍କାର ନିମନ୍ତେ ଏହା ଏକ ଉତ୍ତମ ପ୍ଲାଟଫର୍ମ । ଏକ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀଙ୍କ ପାଇଁ ଏଭଳି ସାହିତ୍ୟ ମହୋତ୍ସବ ଆୟୋଜନ କରିବା ବେଶ୍ ପ୍ରଶଂସନୀୟ ଓ ଅନନ୍ୟ ବୋଲି ସେ କହିଥିଲେ । ସାହିତ୍ୟ ଓ ସର୍ଜନା କ୍ଷେତ୍ରରେ ସାରା ବିଶ୍ୱରେ ଅନେକ ଉଦାହରଣ ପ୍ରତିଭା ରହିଛନ୍ତି । କିନ୍ତୁ ଏ କ୍ଷେତ୍ରରେ ଭାରତର ପ୍ରତିଭାମାନେ ଶୀର୍ଷରେ ରହିବେ । ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଥିଲେ, ତୁମେମାନେ ଯେତେ ପାରୁଛ ସେତେ ପଢ । କବିତା, ଉପନ୍ୟାସ, ଗଳ୍ପ ଆଦି ଯାହା ବି ହେଉ ପଢ । ଏହା ତୁମ ଭିତରେ ଲୁକ୍କାୟିତ ହୋଇ ରହିଥିବା ପ୍ରତିଭା ଆବିଷ୍କାରରେ ସହାୟକ ହେବ ବୋଲି ଶ୍ରୀମତୀ ଷଡ଼ଙ୍ଗୀ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଥିଲେ । ଶିଶୁ ସାହିତ୍ୟ ମହୋତ୍ସବ ଭଳି କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ସେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ଅନ୍ୟତମ ଅତିଥିଭାବେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଲେ, ଜାତୀୟ ଶିଶୁ ସାହିତ୍ୟ ମହୋତ୍ସବ ହେଉଛି ସ୍ୱତନ୍ତ୍ର ଓ ନିଆରା । ଏହାକୁ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ କ୍ରମାଗତଭାବେ ୨୦୧୦ ମସିହାରୁ ଆୟୋଜନ କରିଆସୁଛି । ଇଣ୍ଟରନେଟ୍ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଯୁଗରେ ଏଭଳି ମହୋତ୍ସବ ଓ ସମାବେଶର ଆବଶ୍ୟକତା ସବୁଠାରୁ ଅଧିକ ବୋଲି ଡ. ସାମନ୍ତ କହିଥିଲେ । ପ୍ରତ୍ୟେକ ପିଲା ଗୋଟିଏ ମାତ୍ର ଚିନ୍ତାଧାରା ନେଇ ଏହି ମହୋତ୍ସବକୁ ଆସିଛି । କିନ୍ତୁ ସେମାନେ ଏଠାରୁ ଫେରିଲାବେଳେ ନିଜ ସହ ଅନେକ ଚିନ୍ତାଧାରା ନେଇ ଫେରିବ । ଏହା ସେମାନଙ୍କ ଚିନ୍ତାଧାରା ଓ ଜ୍ଞାନକୁ ସମୃଦ୍ଧ କରିଥାଏ । ଏହା ହେଉଛି ଏଭଳି ଆୟୋଜନର ସୁଫଳ ବୋଲି ସେ କହିଥିଲେ । କାରଣ ଆଜିର ଦୁନିଆରେ ଯେତେ ଅଧିକ ଆଲୋଚନା ଓ ପରସ୍ପର କଥାବାର୍ତ୍ତା ହେବ ତୁମମାନଙ୍କର ଜ୍ଞାନର ପରିସୀମା ସେତେ ଅଧିକ ବଢିବ ବୋଲି ଡ. ସାମନ୍ତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ